Follow us: @NPathashala @NPathashala @NPathashalaa @NPathashala @NPathashala


# ନାଗରିକ ପାଠଶାଳା

epaper.napatube.in

NAGARIKA PATHASHALA

PRGI Regd. No. ORIORI/25/A1739


"ନାଗରିକ ପାଠଶାଳା"ର ସମସ୍ତ ପାଠକ, ଶୁଭେଚ୍ଛୁ ତଥା ସାରା ଓଡିଶାବାସୀଙ୍କୁ ଇଂରାଜୀ ନୂତନ ବର୍ଷ ୨୦୨୬ର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ

**ରମେଶ କୁମାର ମଲ୍ଲିକ**
**ସଂପାଦକ, ନାଗରିକ ପାଠଶାଳା**


ବର୍ଷ - ୧ | ସଂଖ୍ୟା - ୭ | ଜାନୁୟାରୀ ୧ - ଜାନୁୟାରୀ ୧୫, ୨୦୨୬ ଭଦ୍ରକ ପାକ୍ଷିକ ପୃଷ୍ଠା ସଂଖ୍ୟା - ୮ ମୂଲ୍ୟ - ୫.୦୦ ଟଙ୍କା

VOL -1 | ISSUE - 7 | January 1 - January 15, 2026 BHADRAK Fortnightly No. of Pages - 8 Price - Rs. 5.00


## ପ୍ରୋଟୋକଲକୁ ଦଳିଦେଲେ ପାଦରେ

ରମେଶ କୁମାର ମଲ୍ଲିକ

**ଭଦ୍ରକ:** ନୂଆ ସରକାର ଆସିବା ପରଠାରୁ ରଙ୍ଗ ବଦଳା, ପାଣ୍ଡିଆନଙ୍କୁ ବାନ୍ଧିବା, ବିଧାୟକଙ୍କ ଦରମା ଓ ଏବେ ପୁଣି ପଲ୍ୟୁସନ ସାର୍ଟିଫିକେଟକୁ ନେଇ ଭୁଆଁବୁଲା ଭାବେ ସମାଲୋଚିତ ହୋଇ ଆସୁଛି । ସେପଟେ ଦୀର୍ଘ ଦିନର ଅପେକ୍ଷା ପରେ ଭଦ୍ରକ ସହରର ଅପର୍ତ୍ତିବିନ୍ଧା ଛକରୁ ଶନିମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୧୭ କୋଟି ୯୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ରାସ୍ତାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମରେ 'ଅଟଳ ମାର୍ଗ' ନାମିତ କରାଯାଇଛି । ତେବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ହୋଇଥିବା ଏହି କାର୍ଯ୍ୟକ୍ରମ ଏବେ ବିକାଶ ଅପେକ୍ଷା ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛି । ଉଦ୍ଘାଟନୀ ଫଳକରେ ସରକାରୀ ପ୍ରୋଟୋକଲର ଖୋଲାଖୋଲି ଉଲ୍ଲଂଘନ ଦେଖିବାକୁ ମିଳିଛି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ନିୟମ ଅନୁଯାୟୀ, କୌଣସି ସରକାରୀ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବର୍ତ୍ତମାନର ମନ୍ତ୍ରୀଙ୍କ ସ୍ଥାନ ସର୍ବଦା ଉଚ୍ଚରେ ରହିବା ବିଧେୟ । କିନ୍ତୁ ଏଠାରେ ରାଜ୍ୟର ବର୍ତ୍ତମାନର ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନାମ ତଳେ ଥିବାବେଳେ, ଜଣେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶ୍ରୀ ମନମୋହନ ସା ମଲଙ୍କ ନାମକୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି। ସରକାରୀ କାର୍ଯ୍ୟକ୍ରମରେ ସାମ୍ବିଧାନିକ ପଦବୀ ଅପେକ୍ଷା ବ୍ୟକ୍ତିଗତ ବା ଦଳୀୟ ବରିଷ୍ଠତାକୁ ଅଗ୍ରାଧିକାର ଦେ ବା ପ୍ରଶାସନିକ ବ୍ୟବସ୍ଥା ପ୍ରତି ଏକ ଉପହାସ ସଦୃଶ । ଏଭଳି ତ୍ରୁଟି

ସାଧାରଣରେ ଅସନ୍ତୋଷ ସୃଷ୍ଟି କରିବା ସ୍ୱାଭାବିକ । ଜିଲ୍ଲାପାଳ ଏହି ପ୍ରୋଟୋକଲ ବି ଷ ୟରେ ଅବଗତ କରିଥିଲେ କି ? ଯଦି କରିଥିଲେ ଏଭଳି ଭୁଲ ହେଲା କେ ମିତି ? ନା ଠିକାଦାରଙ୍କ ତରଫରୁ କୌଣସି ନେତାଙ୍କ ସହଯୋଗୀ ଏଭଳି କାର୍ଯ୍ୟ କରିଛନ୍ତି ସେ ନେଇ ଜନସାଧାରଣଙ୍କୁ ପ୍ରଶାସନ ଅବଗତ କରିବା ଉଚିତ।

ସେ ପ ଟେ ଗତ କିଛି ମାସ ମଧରେ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ରାସ୍ତା ନିର୍ମାଣ ବେଳେ ଲୋକେ ପିଚୁ ହାତରେ ତାଡିବା, କାମ କରାଇ ନ ଦେବା , ଅ ନୁନ୍ନତ କାମକୁ ନେଇ ସୋସିଆଲ ମିଡ଼ିଆଠାରୁ ଆରମ୍ଭ କରି ଖବର କାଗଜରେ ଯେତେ ଖବର ପ୍ରସାରଣ ହୋଇଛି ତାହା ଉପରେ ପ୍ରଶାସନ କି ନେତା ନିଜ ଆଡୁ ସ୍ପଷ୍ଟୀକରଣ ଦେଇ ପାରି ନାହାନ୍ତି । ଯାହାକୁ ନେଇ ଏ ହି ସ ରକାର ତଥା ଜିଲ୍ଲା ପ୍ରଶାସନ ଏକ ଭୁଆଁବୁଲା ବୋଲି ଚର୍ଚ୍ଚା ହୋଇଆସୁଛି । ଏଭଳି ପରିସ୍ଥିତିରେ ଏହି ନୂତନ ରାସ୍ତା ପ୍ରଶସ୍ତିକରଣକୁ ନେଇ ଏ କ ଅତିରଞ୍ଜିତ ଭିଡିଓ ପ୍ରଦର୍ଶିତ କରାଯାଇ ଆଉ ଏକ ସମାଲୋଚନାକୁ ନିମନ୍ତ୍ରଣ ଦିଆଯାଇଛି ।

ଭଦ୍ରକ ସ ହ ର ର ସୌନ୍ଦର୍ଯ୍ୟକରଣ ପାଇଁ ବିଗତ ବିଜେଡି ସରକାର ସମୟ ରେ ମଧ ଏକ ବୃହତ ଯୋଜନା ପ୍ରସ୍ତୁତ କରାଯାଇଥିଲା। ସେତେ ବେ ଳେ ମଧ ଜିଲ୍ଲାବାସୀଙ୍କୁ ସହରର କାୟାକଳ୍ପ ବଦଳିବାର ସ୍ୱପ୍ନ ଦେଖାଯାଇଥିଲା। ବିଶେଷକରି କଚେରୀ ବଜାର ଓ ମୁଖ୍ୟ ରାସ୍ତାରୁ ଜବ ର ଦ ଖଲ ଉଚ୍ଛେଦ ପାଇଁ ଉଦ୍ୟମ ହୋଇଥିଲେ ମଧ ତାହା ସଫଳ ହୋ ଇପାରିନଥିଲା। ବର୍ତ୍ତମାନର ସରକାର ଜବରଦଖଲ ଉଚ୍ଛେଦ କରି ବାହାବା ନେବାକୁ ଚେଷ୍ଟା କରୁଛନ୍ତି ସତ, କିନ୍ତୁ ଥଇଥାନ ବ୍ୟବସ୍ଥା (ଭେଣ୍ଡିଂ ଜୋନ୍) କେବେ ସମ୍ପୂର୍ଣ୍ଣ ହେବ ତାହା ପ୍ରଶ୍ନବାଚୀ ! ଶିଳାନ୍ୟାସ ଉତ୍ସବରେ ପ୍ରଶା ସ ନ ପକ୍ଷରୁ ଏକ ଆନିମେସନ୍ ଭିଡିଓ ପ୍ରଦର୍ଶନ କରାଯାଇଥିଲା, ଯେଉଁଥିରେ ଭବିଷ୍ୟତର ରାସ୍ତାକୁ ଚକଚକ୍ ଦେଖାଯାଇଛି । **ପୃଷ୍ଠା -୭**

# ଆଶା ଆକାଶଛୁଆଁ, ବାସ୍ତବତା ଶୂନ

ଭଦ୍ରକରୁ ସୁବ୍ରତ ପ୍ରଧାନ

- ଧାରଣା ଶୋଭାଯାତ୍ରାରେ ସୀମିତ ନ୍ୟାୟ ?
- ପ୍ରଶ୍ନ ଘେରରେ ପୋଲିସ !
- ଗାଁ ଗହଳିରେ ନିଶା କାରବାର ବଢୁଛି
- ବାସ୍ତବ ସ୍ଥିତି: 'ଯଥା ପୂର୍ବଂ ତଥା ପରଂ'
- ଦକ୍ଷତାକୁ ମିଳୁନି କି ସମର୍ଥନ
- ନିଶା ବେପାରୀଙ୍କୁ ସାହସ ଦେଉଛି କିଏ ?

**ଭଦ୍ରକ :** ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳରେ ଘଟିଯାଇଥିବା ଏକ ଲୋମହର୍ଷଣକାରୀ ଘଟଣା ସମଗ୍ର ରାଜ୍ୟକୁ ସ୍ତବ୍ଧ କରିଦେଇଛି। ଜଣେ ନିରୀହ ନାବାଳିକାକୁ ପାଶବିକ ଭାବେ ଦୁଷ୍କର୍ମ ପରେ ହତ୍ୟା କରାଯିବା ଘଟଣା ସଭ୍ୟ ସମାଜର ମୁଣ୍ଡ ତଳକୁ କରିଦେଇଛି। ଏହି ଘଟଣା ଘଟିବାକୁ ଗୋଟିଏ ସପ୍ତାହ ବିତିଯାଇଛି। ପ୍ରଥମ ଦୁଇ-ତିନି ଦିନ ଘଟଣାସ୍ଥଳରେ ନେତା, ମନ୍ତ୍ରୀ ଏବଂ ସମାଜସେବୀଙ୍କ ଭିଡ଼ ଜମିଥିଲା। ପ୍ରତିଶ୍ରୁତିର ବନ୍ୟା ଛୁଟିଥିଲା ଏବଂ ସୋସିଆଲ ମିଡିଆରେ 'ଜଷ୍ଟିସ ପାଇଁ ଅନେକ ହ୍ୟାସଟ୍ୟାଗ୍ ଚାଲିଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ, ସପ୍ତାହେ ନ ପୂରୁଣୁ ଘଟଣାଟି ଧୀରେ ଧୀରେ ଲୋକଲୋଚନରୁ ହଜିବାକୁ ବସିଛି।

ସେପଟେ ବହୁ ବର୍ଷ ଧରି ଭଦ୍ରକ ଜିଲ୍ଲାରେ କାମ କରିଥିବା ସବୁଠୁ ଦକ୍ଷ ପୋଲିସ ଅଫିସର ମନୋଜ ରାଉତ ଏସପି ହୋଇ ପୁଣି ଭଦ୍ରକକୁ ଆସିବା ପରେ ଲୋକମାନଙ୍କ ମନରେ ଯେଉଁ ଆକାଶଛୁଆଁ ଆଶା ଥିଲା ତାହା ବାସ୍ତବରେ ଦକ୍ଷତା ଅନୁସାରେ କିଛି ବି ଫଳପ୍ରଦ ହେଉଥିବା ପରିଲିଖିତ ହେଉନାହିଁ । ତେଣୁ "ଆଶା ଆକାଶ ଛୁଆଁ , ବାସ୍ତବତା ଶୂନ" ବୋଲି ଗୋଟେ ଚର୍ଚ୍ଚା ଏବେ ଜୋର ଧରିଛି ।

ସେପଟେ ନାବାଳିକା ଘଟଣାଟି କେବଳ ଚାନ୍ଦବାଲିର ଘଟଣା ନୁହେଁ, ବରଂ ଏହା ଆମ ସମାଜର ଏକ ନିଷ୍ଠୁର ବାସ୍ତବତା । ଘଟଣା ଘଟିବା ପରେ ଆମେ କେବଳ ପ୍ରତିକ୍ରିୟାଶୀଳ ହେଉଛେ, କିନ୍ତୁ ନିବାରଣ ପାଇଁ କୌଣସି ଠୋସ୍ ପଦକ୍ଷେପ ନେଉନାହୁଁ । **ପୃଷ୍ଠା -୭**

## ନାଁ କରି ଫୁଲତୋଡା କେମିତି ନେବେ ?

ଭଦ୍ରକରୁ ସୁବ୍ରତ ପ୍ରଧାନ

**ଭଦ୍ରକ:** ଇଂରାଜୀ ନୂତନ ବର୍ଷ ପାଇଁ ଭଦ୍ରକ ଆରକ୍ଷୀ ଅଧୀକ୍ଷକ ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ କଡ଼ା ତାଗିଦ୍ ଜାରି କରାଯାଇଛି। ଏସପି ଅଫିସ୍ କାନ୍ଥରେ ଲାଗିଥିବା ଏକ ପୋଷ୍ଟର ଏବେ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ, "ନୂତନ ବର୍ଷ ଉପଲକ୍ଷେ ଶୁଭେଚ୍ଛା ଜଣାଇବା ପାଇଁ କୌଣସି ବ୍ୟକ୍ତି କିମ୍ବା ପୋଲିସ ଅଧିକାରୀ ଫୁଲତୋଡ଼ା କିମ୍ବା ଡାଏରୀ ନେଇ ଆସିବେ ନାହିଁ। ଯଦି କେହି ଏହାର ଉଲ୍ଲଂଘନ କରନ୍ତି, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।" କିନ୍ତୁ କେଉଁ ଆଇନ ଏପରି ଆଦେଶ କରିବାକୁ ଅନୁମତି ଦେଇଛି ଓ କେଉଁ ଆଇନରେ ଏ ସମ୍ବନ୍ଧୀୟ କାର୍ଯ୍ୟାନୁଷ୍ଠାନ ନେଇ ଉଲ୍ଲେଖ ଅଛି ତାହା ସ୍ପଷ୍ଟ ହୋଇପାରିନି ।

ମୁଖ୍ୟମନ୍ତ୍ରୀଙ୍କ ଇଂରାଜୀ ନବବର୍ଷ ପାଳନ ବାରଣ ପାଇଁ ଏସବୁ କରାଯାଉଥିବା କୁହାଯାଉଥିଲେ ମଧ, ଏହି ନିଷ୍ପତ୍ତି ପଛର ପ୍ରକୃତ କାରଣ ଭିନ୍ନ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ନିକଟରେ ଚାନ୍ଦବାଲି ଅଞ୍ଚଳରେ ଘଟିଥିବା ଏକ ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । **ପୃଷ୍ଠା -୭**

## ଝାଡୁ ଭାଙ୍ଗି ପାରିବ ତ ପୋଲିସ ନିଦ !

ଭଦ୍ରକରୁ ସୁବ୍ରତ ପ୍ରଧାନ

**ଚାନ୍ଦବାଲି /ଭଦ୍ରକ :** ଭଦ୍ରକ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି କେତେ ଦୟନୀୟ ଏବଂ ପୋଲିସ ପ୍ରଶାସନର ଗୁଇନ୍ଦା ବିଭାଗ କିଭଳି ନିଘୋଡ ନିଦରେ ଶୋଇଛି, ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଚାନ୍ଦବାଲି ବ୍ଲକ ଜଳେଶ୍ୱରପୁର ପଞ୍ଚାୟତରେ। ଗାଁ ଗାଁରେ ମଦ, ଗଞ୍ଜେଇ ଓ ବ୍ରାଉନସୁଗାର ଭଳି ଘାତକ ନିଶା ବେଧଡକ ବିକ୍ରି ହେଉଥିବା ବେଳେ ଭଦ୍ରକ ଏସପି ଏବଂ ଜିଲ୍ଲା ପୋଲିସ କେବଳ ଦର୍ଶକ ସାଜିଛନ୍ତି। ପୋଲିସର ଏହି ଅପାରଗତା ଓ ନିଷ୍କ୍ରିୟତା ବିରୋଧରେ ଶେଷରେ ଝାଡୁ ଧରି ରାସ୍ତାକୁ ଓହ୍ଲାଇଛନ୍ତି ଶତାଧିକ ମହିଳା। **ପୃଷ୍ଠା -୭**

## କେଉଁଠି ଅଛି କମ୍ୟୁନିଟି ପୋଲିସିଂ

ଭଦ୍ରକରୁ ସୁବ୍ରତ ପ୍ରଧାନ

ଗାଁ ଗାଁ ରେ ଏବେ ମଦର ଆସର । ଅବାଧ ନିଶା କାରବାରକୁ ନେଇ ଅବକାରୀ ବିଭାଗ ଓ ପୋଲିସର ଦକ୍ଷତା ଉପରେ ଏବେ ଅନେକ ପ୍ରଶ୍ନ । ନିଶାକୁ ନେଇ ତଥ୍ୟ ଓ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ । ଭଦ୍ରକର ଏସପି ଭାବରେ ମନୋଜ ରାଉତ ଯେତେବେଳେ ଦାୟିତ୍ୱ ଗ୍ରହଣ କରିଥିଲେ, ଜିଲ୍ଲାବାସୀଙ୍କ ମନରେ ଏକ ନୂଆ ଆଶା ସଞ୍ଚାର ହୋଇଥିଲା। ଲୋକେ ଭାବିଥିଲେ ଜଣେ ଦକ୍ଷ ଅଧିକାରୀଙ୍କ ନେତୃତ୍ୱରେ ଭଦ୍ରକରୁ ଅପରାଧ ଓ ନିଶା କାରବାରର ମୂଳୋତ୍ପାଟନ ହେବା କିନ୍ତୁ ଚାନ୍ଦବାଲିର ଏହି ଘଟଣା ଏବଂ ଗତ କିଛି ମାସର ଚିତ୍ର ସେହି ଭରସାକୁ ଚୁରମାର କରିଦେଇଛି। **ପୃଷ୍ଠା -୭**

## ୨୫ ର ପଦଚିହ୍ନ

# ଦେଶ-ବିଦେଶ

# ପ୍ରୟାଗରାଜରେ ମହାକୁମ୍ଭ ମେଳା: ବିଶ୍ୱର ସର୍ବବୃହତ ଜନସମାଗମ

୨୦୨୫ର ସବୁଠାରୁ ବଡ଼ ଆଧାତ୍ମିକ ଘଟଣା ଥିଲା ପ୍ରୟାଗରାଜର ମହାକୁମ୍ଭ ମେଳା। ଜାନୁଆରୀ ୧୩ରୁ ଫେବୃଆରୀ ୨୬ ପର୍ଯ୍ୟନ୍ତ ଚାଲିଥିବା ଏହି ମେଳାରେ ପ୍ରାୟ ୪୦ କୋଟିରୁ ଊର୍ଦ୍ଧ୍ୱ ଭକ୍ତ ବୁଡ଼ ପକାଇଥିଲେ, ଯାହା ଏକ ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲା। ଗଙ୍ଗା, ଯମୁନା ଓ ସରସ୍ୱତୀର ତ୍ରିବେଣୀ ସଙ୍ଗମରେ ଅନୁଷ୍ଠିତ ଏହି ମେଳା କେବଳ ଧର୍ମୀୟ ଭାବନା ନୁହେଁ, ବରଂ ଭାରତୀୟ ସନାତନ ସଂସ୍କୃତିର ବିରାଟ ରୂପକୁ ପ୍ରଦର୍ଶିତ କରିଥିଲା । ଚଳିତ ବର୍ଷର କୁମ୍ଭମେଳାକୁ 'ଡିଜିଟାଲ୍ କୁମ୍ଭ' ଓ 'ଗ୍ରୀନ୍ କୁମ୍ଭ' (Green Kumbh) ଭାବେ ପାଳନ କରାଯାଇଥିଲା। ଏଆଇ (AI) ଚାଟବଟ୍ 'କୁମ୍ଭ ସହାୟକ'ର ବ୍ୟବହାର ଏବଂ ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ସରକାରଙ୍କ କଡ଼ା ପଦକ୍ଷେପ ପ୍ରଶଂସା ସାଉଁଟିଥିଲା। ମୌନୀ ଅମାବାସ୍ୟା (ଜାନୁଆରୀ ୨୯) ଦିନ କୋଟି କୋଟି ଶ୍ରଦ୍ଧାଳୁଙ୍କ ଶାହି ସ୍ନାନର ଦୃଶ୍ୟ ବିଶ୍ୱ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ମେଳା ଭାରତର ପର୍ଯ୍ୟଟନ ଅର୍ଥନୀତିକୁ ଏକ ବଡ଼ ବୁଷ୍ଟ ଦେବା ସହ ଉତ୍ତର ପ୍ରଦେଶର ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା।

## Shorts

### ମହାକାଶରେ ଭାରତୀୟ: ଆକ୍ସିୟମ୍-୪ (Ax-4) ମିଶନ ଓ ଶୁଭାଂଶୁ ଶୁକ୍ଳା

୨୦୨୫ ମସିହା ଭାରତୀୟ ମହାକାଶ ଗବେଷଣା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ରାକେଶ ଶର୍ମାଙ୍କ ପରେ ଦୀର୍ଘ ୪ ଦଶନ୍ଧିର ଅପେକ୍ଷା ଅନ୍ତ ଘଟାଇ ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଳା ମହାକାଶ ଯାତ୍ରା କରିଥିଲେ। ଜୁନ୍ ୨୫ ତାରିଖରେ ନାସା (NASA) ଓ ଇସ୍ରୋ (ISRO)ର ମିଳିତ ସହଯୋଗରେ ସ୍ପେସ୍-ଏକ୍ସ (SpaceX) ରକେଟ୍ ଜରିଆରେ ସେ ଆନ୍ତର୍ଜାତୀୟ ମହାକାଶ ଷ୍ଟେସନ୍ (ISS) କୁ ଯାତ୍ରା କରିଥିଲେ।

ଏହି 'ଆକ୍ସିୟମ୍-୪' ମିଶନରେ ଶୁଭାଂଶୁ ଜଣେ ମିଶନ୍ ପାଇଲଟ୍ ଭାବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ। ମହାକାଶରେ ରହି ସେ ବିଭିନ୍ନ ବୈଜ୍ଞାନିକ ପରୀକ୍ଷଣ କରିବା ସହ ଭାରତର ଆଗାମୀ 'ଗଗନଯାନ' ମିଶନ୍ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିଲେ। ତାଙ୍କର ଏହି ସଫଳ ଯାତ୍ରା ଭାରତର ୧୪୦ କୋଟି ଜନତାଙ୍କ ଛାତି କୁଣ୍ଢେମୋଟ କରିଦେଇଥିଲା ଏବଂ ଭାରତ ଏବେ ନିଜସ୍ୱ ମାନବଯୁକ୍ତ ମହାକାଶ ଯାନ ପଠାଇବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ବିଶ୍ୱକୁ ବାର୍ତ୍ତା ଦେଇଥିଲା।

### ଭାରତରେ ମହିଳା କ୍ରିକେଟ୍ ବିଶ୍ୱକପ୍ ୨୦୨୫

କ୍ରୀଡ଼ା ଜଗତରେ ୨୦୨୫ ବର୍ଷଟି ମହିଳା କ୍ରିକେଟ୍ ପାଇଁ ଉତ୍ସର୍ଗୀକୃତ ଥିଲା। ଭାରତ ଆୟୋଜନ କରିଥିବା 'ଆଇସିସି ମହିଳା ଦିନିକିଆ ବିଶ୍ୱକପ୍' (ICC Women's ODI World Cup) ସେପ୍ଟେମ୍ବରରୁ ନଭେମ୍ବର ମାସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦେଶର ବିଭିନ୍ନ ଷ୍ଟାଡିୟମ୍ ସମେତ ମୁମ୍ବାଇର ୱାଙ୍ଖେଡେ ଓ ଡି.ୱାଇ ପାଟିଲ ଷ୍ଟାଡିୟମରେ ଦର୍ଶକଙ୍କ ପ୍ରବଳ ଭିଡ଼ ମହିଳା କ୍ରିକେଟର ଲୋକପ୍ରିୟତାକୁ ପ୍ରମାଣିତ କରିଥିଲା। ଚଳିତ ବିଶ୍ୱକପର ବିଶେଷତ୍ୱ ଥିଲା ଭାରତ ଓ ପାକିସ୍ତାନ ମ୍ୟାଚକୁ ନେଇ ସୃଷ୍ଟି ହୋଇଥିବା ଉତ୍କଣ୍ଠା ଏବଂ ଭାରତୀୟ ମହିଳା ଦଳର ଚମତ୍କାର ପ୍ରଦର୍ଶନ। ସ୍ମୃତି ମନ୍ଧାନା ଓ ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଦଳ ଯେଉଁଭଳି ଖେଳ ପ୍ରଦର୍ଶନ କଲା, ତାହା ଦେଶର କୋଟି କୋଟି କିଶୋରୀଙ୍କୁ କ୍ରିକେଟ୍ ପ୍ରତି ଆକୃଷ୍ଟ କରିଛି। ଯଦିଓ ପାକିସ୍ତାନର ମ୍ୟାଚଗୁଡ଼ିକ ଶ୍ରୀଲଙ୍କାରେ ହାଇବ୍ରିଡ୍ ମଡେଲରେ ଖେଳାଯାଇଥିଲା, କିନ୍ତୁ ଫାଇନାଲ୍ ମ୍ୟାଚର ରୋମାଞ୍ଚ ଓ ଭାରତୀୟ ମାଟିରେ ବିଶ୍ୱକପର ଆୟୋଜନ ଭାରତକୁ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଉଭା କରିଥିଲା।

### 'ଅପରେସନ୍ ସିନ୍ଦୂର': ପାହାଲଗାମ୍ ଆକ୍ରମଣର ମୁହଁତୋଡ ଜବାବ

୨୦୨୫ ମସିହା ଭାରତୀୟ ସେନାର ସାହସ ଓ ପରାକ୍ରମର ବର୍ଷ ଥିଲା। ଏପ୍ରିଲ ୨୨ ତାରିଖରେ ଜାମ୍ମୁ-କାଶ୍ମୀରର ପାହାଲଗାମ୍ ଉପତ୍ୟକାର ବୈସାରନ୍ ମିଡୋ (Baisaran meadow) ଠାରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ଏହି ବର୍ବର କାଣ୍ଡରେ ୨୬ ଜଣ ନିରୀହ ନାଗରିକଙ୍କ ଜୀବନ ଯାଇଥିଲା। କିନ୍ତୁ ଭାରତ ଚୁପ୍ ବସିନଥିଲା। ଏହାର ମାତ୍ର ଦୁଇ ସପ୍ତାହ ମଧ୍ୟରେ, ଅର୍ଥାତ୍ ମେ ୭ରୁ ୧୦ ତାରିଖ ମଧ୍ୟରେ ଭାରତୀୟ ସେନା "ଅପରେସନ୍ ସିନ୍ଦୂର" (Operation Sindoor) ଆରମ୍ଭ କରିଥିଲା । ଗୁଇନ୍ଦା ବିଭାଗର ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ପାକିସ୍ତାନ ଅଧିକୃତ କାଶ୍ମୀର (PoK) ରେ ଥିବା ଆତଙ୍କବାଦୀ ଲଞ୍ଚପ୍ୟାଡ୍ ଗୁଡ଼ିକୁ ଟାର୍ଗେଟ୍ କରାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ବାହାୱଲପୁର ସମେତ ୯ଟି ସ୍ଥାନରେ ସେନା ପିନ୍-ପଏଣ୍ଟ ଷ୍ଟ୍ରାଇକ୍ କରି ଜୈଶ-ଏ-ମହମ୍ମଦ ଭଳି ସଙ୍ଗଠନର ଘାଟିକୁ ଧ୍ୱଂସ କରିଥିଲା। ଏହି ଅପରେସନ୍ ଏତେ ତୀବ୍ର ଥିଲା ଯେ ପାକିସ୍ତାନ ଅସ୍ତ୍ରବିରତି ପାଇଁ ନିବେଦନ କରିବାକୁ ବାଧ୍ୟ ହୋଇଥିଲା। 'ଅପରେସନ୍ ସିନ୍ଦୂର' କେବଳ ଏକ ସାମରିକ କାର୍ଯ୍ୟାନୁଷ୍ଠାନ ନଥିଲା, ବରଂ ସୀମାପାର ଆତଙ୍କବାଦ ବିରୋଧରେ ଭାରତର 'ଜିରୋ ଟଲରାନ୍ସ' ନୀତିର ଏକ ବଳିଷ୍ଠ ପ୍ରମାଣ ଥିଲା।

### ଦିଲ୍ଲୀରେ କ୍ଷମତା ପରିବର୍ତ୍ତନ: ୨୭ ବର୍ଷ ପରେ ବିଜେପିର ପ୍ରତ୍ୟାବର୍ତ୍ତନ

୨୦୨୫ର ରାଜନୈତିକ ଇତିହାସରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ଏକ ବଡ଼ ଭୂକମ୍ପ ସୃଷ୍ଟି କରିଥିଲା। ଫେବୃଆରୀ ୮ ତାରିଖରେ ଘୋଷିତ ଫଳାଫଳ ଅନୁଯାୟୀ, ଭାରତୀୟ ଜନତା ପାର୍ଟି (ବିଜେପି) ଦୀର୍ଘ ୨୭ ବର୍ଷର ବନବାସ ପରେ ଦିଲ୍ଲୀରେ କ୍ଷମତାକୁ ଫେରିଥିଲା। ଆମ୍ ଆଦମୀ ପାର୍ଟି (AAP)ର ୧୦ ବର୍ଷର ଶାସନର ଅନ୍ତ ଘଟାଇ ବିଜେପି ୭୦ରୁ ୪୮ଟି ଆସନରେ ବିଜୟ ଲାଭ କରିଥିଲା। ଏହି ବିଜୟ ବିଜେପି ପାଇଁ ଏକ ବଡ଼ ମନୋବଳ ବୃଦ୍ଧିକାରୀ ଘଟଣା ଥିଲା, କାରଣ ଦୀର୍ଘ ଦଶନ୍ଧି ଧରି ଦଳ ରାଜଧାନୀରେ କ୍ଷମତାଠାରୁ ଦୂରରେ ଥିଲା। ଅନ୍ୟପକ୍ଷରେ, ଦିଲ୍ଲୀରେ ଦୀର୍ଘ ଦିନ ଶାସନ କରିଥିବା କଂଗ୍ରେସ ପୁଣିଥରେ ଖାତା ଖୋଲିବାରେ ବିଫଳ ହୋଇଥିଲା। ରାଜନୈତିକ ବିଶ୍ଳେଷକଙ୍କ ମତରେ, କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନା ଏବଂ ସ୍ଥାନୀୟ ନେତୃତ୍ୱ ଉପରେ ଭରସା କରି ଦିଲ୍ଲୀବାସୀ ଏହି ପରିବର୍ତ୍ତନ ଆଣିଥିଲେ। ନୂତନ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଦିଲ୍ଲୀର ଭିତ୍ତିଭୂମି ଓ ପ୍ରଦୂଷଣ ସମସ୍ୟାର ସମାଧାନ ପାଇଁ ନୂଆ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା, ଯାହା ଜାତୀୟ ରାଜନୀତିରେ ଏକ ନୂଆ ଅଧ୍ୟାୟ ଯୋଡ଼ିଥିଲା।

### ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା: ଅହମ୍ମଦାବାଦରେ କଳା ଦିବସ

ଜୁନ୍ ୧୨, ୨୦୨୫: ଭାରତୀୟ ବିମାନ ଚଳାଚଳ ଇତିହାସରେ ଏକ କଳା ଦିନ ଭାବେ ଚିହ୍ନିତ ହୋଇଗଲା। ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡାଣ ଭରିବାର ମାତ୍ର କିଛି କ୍ଷଣ ମଧ୍ୟରେ 'ଏୟାର ଇଣ୍ଡିଆ ଫ୍ଲାଇଟ୍ ୧୭୧' ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ହୃଦୟବିଦାରକ ଘଟଣାରେ ବିମାନରେ ଥିବା ସମସ୍ତ ୨୪୧ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କ ସମେତ ତଳେ ଥିବା ୧୯ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା ଯେ, ଉଡାଣ ସମୟରେ ଇଞ୍ଜିନରେ ହଠାତ୍ ତ୍ରୁଟି (loss of engine thrust) ଦେଖାଦେବା କାରଣରୁ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳର ଦୃଶ୍ୟ ଅତ୍ୟନ୍ତ ଭୟାବହ ଥିଲା। ସାରା ଦେଶ ଶୋକରେ ବୁଡି ଯାଇଥିଲା। ଏହି ଘଟଣା ପରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ବିମାନର କଡ଼ା ସୁରକ୍ଷା ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମୃତକଙ୍କ ପରିବାରବର୍ଗଙ୍କ କାନ୍ଦ ବୋବାଳିରେ ପରିବେଶ ଥରି ଉଠିଥିଲା ଏବଂ ବିମାନ ସୁରକ୍ଷା ନିୟମାବଳୀ ଉପରେ ପୁଣିଥରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା।

# 'ସନ୍ତୁଳନ ଓ ସାହସ'ର ବର୍ଷ

୨୦୨୫ ବର୍ଷର ସୂର୍ଯ୍ୟାସ୍ତ ବେଳକୁ ଯଦି ଆମେ ବିଶ୍ୱ ରାଜନୀତିର ହିସାବ କିତାବ କରିବା, ତେବେ ଏହି ବର୍ଷଟି ଭାରତ ପାଇଁ କେବଳ କ୍ୟାଲେଣ୍ଡରର ପୃଷ୍ଠା ବଦଳାଇବା ନଥିଲା; ବରଂ ଏହା ଥିଲା ଆତ୍ମବିଶ୍ୱାସ, ସାମରିକ ଦୃଢ଼ତା ଏବଂ କୂଟନୈତିକ ଚତୁରତାର ଏକ ନୂତନ ଅଧ୍ୟାୟ। ବିଶ୍ୱ ଯେତେବେଳେ ଯୁଦ୍ଧ ଓ ଅର୍ଥନୈତିକ ମାନ୍ଦାବସ୍ଥା ଦେଇ ଗତି କରୁଥିଲା, ଭାରତ ସେତେବେଳେ ନିଜର "ଷ୍ଟ୍ରାଟେଜିକ୍ ଅଟୋନୋମି" (Strategic Autonomy) ବା ରଣନୈତିକ ସ୍ୱାଧୀନତାକୁ ବଜାୟ ରଖିବାରେ ସଫଳ ହୋଇଥିଲା।

'ଅପରେସନ୍ ସିନ୍ଦୂର': ରକ୍ଷଣାତ୍ମକରୁ ଆକ୍ରମଣାତ୍ମକ ନୀତିକୁ ପରିବର୍ତ୍ତନ ୨୦୨୫ର ସବୁଠାରୁ ବଡ଼ ଭୂ-ରାଜନୈତିକ ଘଟଣା ଥିଲା ପାକିସ୍ତାନ ବିରୋଧରେ ଭାରତର କଠୋର ଆଭିମୁଖ୍ୟ। ପାହାଲଗାମ୍ ଆକ୍ରମଣ ପରେ ଭାରତୀୟ ସେନା ଯେଉଁଭଳି ଭାବେ "ଅପରେସନ୍ ସିନ୍ଦୂର" ଜରିଆରେ ସୀମା ପାର୍ ଯାଇ ୯ଟି ଆତଙ୍କବାଦୀ ଲଞ୍ଚପ୍ୟାଡ୍ ଧ୍ୱଂସ କଲା, ତାହା ବିଶ୍ୱକୁ ଦୁଇଟି ବାର୍ତ୍ତା ଦେଇଥିଲା। ପ୍ରଥମତଃ, ଭାରତ ଆଉ କେବଳ 'ନିନ୍ଦା' କରିବ ନାହିଁ, ବରଂ 'ପ୍ରତିଶୋଧ' ନେବ। ଦ୍ୱିତୀୟତଃ, ଏହା ଚୀନ୍ ପାଇଁ ମଧ୍ୟ ଏକ ପରୋକ୍ଷ ଚେତାବନୀ ଥିଲା ଯେ ଭାରତ ନିଜ ସାର୍ବଭୌମତ୍ୱ ସହ କୌଣସି ସାଲିସ୍ କରିବ ନାହିଁ। ଏହି ଘଟଣା ପରେ ଅନ୍ତର୍ଜାତୀୟ ମଞ୍ଚରେ ପାକିସ୍ତାନ ସମ୍ପୂର୍ଣ୍ଣ ଏକଘରକିଆ ହୋଇପଡ଼ିଥିଲା।

**ଟ୍ରମ୍ପ ୨.0 ଏବଂ ଭାରତ:** ବନ୍ଧୁତ୍ୱ ଓ ବ୍ୟବସାୟର ମିଶ୍ରଣ ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ସରକାର ଫେରିବା ପରେ ଭାରତ ସହ ସମ୍ପର୍କ ଏକ ନୂଆ ମୋଡ଼ ନେଇଥିଲା।

**ସକାରାତ୍ମକ ଦିଗ:** ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ସମୟରେ iCET (Initiative on Critical and Emerging Technology) ଅଧୀନରେ ପ୍ରତିରକ୍ଷା ଚୁକ୍ତି, ଜେଟ୍ ଇଞ୍ଜିନ୍ ଟେକ୍ନୋଲୋଜି ହସ୍ତାନ୍ତର ଏବଂ ମହାକାଶ ଗବେଷଣା (ଆକ୍ସିୟମ୍-୪ ମିଶନ) ରେ ସହଯୋଗ ଭାରତର ସାମରିକ ଶକ୍ତିକୁ ବହୁଗୁଣିତ କରିଛି।

**ଚ୍ୟାଲେଞ୍ଜ:** ଟ୍ରମ୍ପଙ୍କ "ଆମେରିକା ଫାଷ୍ଟ" ନୀତି ଯୋଗୁଁ ଭାରତୀୟ ଆଇଟି କମ୍ପାନୀ ଏବଂ ଔଷଧ ରପ୍ତାନି ଉପରେ କିଛିଟା ଟାରିଫ୍ (ଶୁଳ୍କ) ବାଧା ସୃଷ୍ଟି ହୋଇଛି। ଭିସା ନିୟମ କଡ଼ାକଡ଼ି ହେବା ଫଳରେ

ଭାରତୀୟ ପେଶାଦାରମାନେ କିଛିଟା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତ: ଆର୍ଥିକ ଲାଭର ହିସାବ ପ୍ରଧାନମନ୍ତ୍ରୀଙ୍କ ୨୦୨୫ର ବିଦେଶ ଗସ୍ତ କେବଳ ଔପଚାରିକ ନଥିଲା, ବରଂ ଏହା ଥିଲା ସମ୍ପୂର୍ଣ୍ଣ ବ୍ୟବସାୟିକ।

**ଜାପାନ (ଓସାକା ଏକ୍ସପୋ):** ଜାପାନ ଗସ୍ତରୁ ଭାରତକୁ ସବୁଠାରୁ ବଡ଼ ଫାଇଦା ମିଳିଛି। ସେମିକଣ୍ଡକ୍ଟର ଶିଳ୍ପରେ ଜାପାନର ପୁଞ୍ଜି ନିବେଶ ଏବଂ ଓଡ଼ିଶା ସମେତ ପୂର୍ବ ଭାରତରେ ଭିତ୍ତିଭୂମି ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା ଅର୍ଥନୀତିକୁ ଗତିଶୀଳ କରିଛି।

**ୟୁରୋପ:** ୟୁରୋପୀୟ ସଂଘ ସହ ମୁକ୍ତ ବାଣିଜ୍ୟ ଚୁକ୍ତି (FTA)ର ଅନ୍ତିମ ପର୍ଯ୍ୟାୟ ଆଲୋଚନା ଭାରତୀୟ ବସ୍ତ୍ର ଶିଳ୍ପ ପାଇଁ ଏକ ବଡ଼ ବଜାର ଖୋଲିବାର ସମ୍ଭାବନା ସୃଷ୍ଟି କରିଛି।

**ମଧ୍ୟପ୍ରାଚ୍ୟ:** ଇସ୍ରାଏଲ-ଆରବ ବିବାଦ ମଧ୍ୟରେ ଭାରତ ଉଭୟ ପକ୍ଷ ସହ ସମ୍ପର୍କ ରଖି ନିଜର ତୈଳ ଓ ଗ୍ୟାସ ଯୋଗାଣକୁ ସୁରକ୍ଷିତ ରଖିପାରିଛି, ଯାହା ଏକ ବଡ଼ କୂଟନୈତିକ ବିଜୟ।

**ଅର୍ଥନୀତି:** ଫାଇଦା ବନାମ କ୍ଷତି ୨୦୨୫ର ଅର୍ଥନୀତି ଭାରତ ପାଇଁ ଏକ ମିଶ୍ରିତ ଫଳାଫଳ ଆଣିଛି।

**କେଉଁଠି ଫାଇଦା:** ଡିଜିଟାଲ୍ ଇଣ୍ଡିଆର ବିସ୍ତାର। ୨୦୨୫ରେ ୟୁରୋପର ୫ଟି ଦେଶ ଏବଂ ଦକ୍ଷିଣ-ପୂର୍ବ ଏସିଆର ଅନେକ ଦେଶ ଭାରତର UPI ବ୍ୟବସ୍ଥାକୁ ଗ୍ରହଣ କରିଛନ୍ତି। ଏହା ଭାରତୀୟ ଫିନ୍-ଟେକ୍ (Fintech) କମ୍ପାନୀଙ୍କ ପାଇଁ ବିଶ୍ୱ ବଜାର ଖୋଲିଦେଇଛି। 'ମେକ୍ ଇନ୍ ଇଣ୍ଡିଆ' ଜରିଆରେ ପ୍ରତିରକ୍ଷା ସରଞ୍ଜାମ ରପ୍ତାନିରେ ୨0% ବୃଦ୍ଧି ଘଟିଛି।

**କେଉଁଠି କ୍ଷତି:** ବିଶ୍ୱ ଯୋଗାଣ ଶୃଙ୍ଖଳା (Supply Chain) ବାଧାପ୍ରାପ୍ତ ହେବା ଯୋଗୁଁ କଞ୍ଚାମାଲର ଦର ବୃଦ୍ଧି ପାଇଛି, ଯାହା ଘରୋଇ ବଜାରରେ ମୁଦ୍ରାସ୍ଫୀତି ବଢ଼ାଇଛି। ଏହାସହ ଅଶୋଧିତ ତୈଳ ଦରର ଅସ୍ଥିରତା ଭାରତର ଆମଦାନୀ ବିଲ୍ (Import Bill)କୁ ବଢ଼ାଇ ଦେଇଛି, ଯାହା ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ଚାପ ପକାଇଛି।

ସାମଗ୍ରିକ ଭାବେ ଦେଖିଲେ, ୨୦୨୫ରେ ଭାରତ "ବିଶ୍ୱବନ୍ଧୁ"ର ଭୂମିକା ନିଭାଇବା ସହ ନିଜର ଜାତୀୟ ସ୍ୱାର୍ଥ ରକ୍ଷା କରିବାରେ "କଠୋର ଶାସକ"ର ପରିଚୟ ମଧ୍ୟ ଦେଇଛି। ଭାରତ ଆଉ ଏକ ଦର୍ଶକ ଦେଶ ନୁହେଁ, ବରଂ ଗ୍ଲୋବାଲ୍ ସାଉଥର ସ୍ୱର ଏବଂ ବିଶ୍ୱ ଅର୍ଥନୀତିର ଏକ ପ୍ରମୁଖ ଚାଳକ ଶକ୍ତି ଭାବେ ୨୦୨୫ରେ ନିଜକୁ ପ୍ରତିଷ୍ଠିତ କରିପାରିଛି। ଏହି ବର୍ଷ ଶିଖାଇ ଦେଇଗଲା ଯେ, ଶାନ୍ତି ପାଇଁ ଶକ୍ତିର ଆବଶ୍ୟକତା ରହିଛି।

# ଦଲାଲଙ୍କ ଗୋଦାମରେ ଧାନ !

"ଚାଷୀ ହସିଲେ ଦେଶ ହସିବ"—ଏହି ଆପ୍ତବାକ୍ୟଟି ବର୍ତ୍ତମାନ ଓଡ଼ିଶାରେ ଏକ ନିଷ୍ଠୁର ପରିହାସ ପାଲଟିଛି। ୨୦୨୫ର ଖରିଫ୍ ଧାନ ଅମଳ ହୋଇସାରିଛି, କିନ୍ତୁ ମଣ୍ଡି ବ୍ୟବସ୍ଥାରେ ଚାଲିଥିବା ମହାଦୁର୍ନୀତି ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଛି। ସରକାର ୩୧୦୦ ଟଙ୍କାର ସ୍ୱପ୍ନ ଦେଖାଇଥିଲେ, କିନ୍ତୁ ବାସ୍ତବରେ ମଣ୍ଡି ଖୋଲିବା ପୂର୍ବରୁ ହିଁ ଚାଷୀର ଭାଗ୍ୟ ଦଲାଲ ହାତରେ ବିକ୍ରି ହୋଇଯାଉଛି।

ଦଲାଲ-ମଣ୍ଡି ପରିଚାଳକଙ୍କ 'ମହାଘୋଟାଲା': ସବୁଠାରୁ ବଡ଼ ଷଡ଼ଯନ୍ତ୍ର ମଣ୍ଡି ଖୋଲିବା ତାରିଖରୁ ହିଁ ଆରମ୍ଭ ହେଉଛି। ପ୍ରଶାସନିକ ଅବହେଳା ଯୋଗୁଁ ମଣ୍ଡି ଖୋଲିବାରେ ଜାଣିଶୁଣି ବିଳମ୍ବ କରାଯାଉଛି। ଏହାର ସୁଯୋଗ ନେଉଛନ୍ତି ଗାଁ ଗହଳିରେ ବୁଲୁଥିବା ଦଲାଲ୍। ଋଣ ଶୁଝିବା ଚିନ୍ତାରେ ଥିବା ଚାଷୀ ବାଧ ହୋଇ ମଣ୍ଡି ଖୋଲିବା ପୂର୍ବରୁ ଶାଗମାଛ ଦରରେ (କ୍ୱିଣ୍ଟାଲ ପିଛା ୧୮୦୦ରୁ ୨୦୦୦ ଟଙ୍କାରେ) ଦଲାଲକୁ ଧାନ ବିକି ଦେଉଛି।

କିନ୍ତୁ ଅସଲ ଖେଳ ତା'ପରେ ଆରମ୍ଭ ହେଉଛି। ଦଲାଲମାନେ କେବଳ ଧାନ କିଣୁନାହାନ୍ତି, ଚାଷୀର ଟୋକନ୍ ଓ ପରିଚୟ ପତ୍ରକୁ ମଧ୍ୟ ନିଜ କବ୍‌ଜାକୁ

ନେଉଛନ୍ତି। ଯେତେବେଳେ ମଣ୍ଡି ଖୋଲୁଛି, ସେହି ଦଲାଲମାନେ ଚାଷୀର ଟୋକନ୍ ବ୍ୟବହାର କରି ମଣ୍ଡି ପରିଚାଳକ (Secretary)ଙ୍କ ସହ ଭିତିରି ବୁଝାମଣା କରି ସରକାରୀ ଦରରେ (୩୧୦୦ ଟଙ୍କାରେ) ଧାନ ବିକ୍ରି କରୁଛନ୍ତି। ଚାଷୀ ପାଉଛି ୨୦୦୦ ଟଙ୍କା, ଆଉ ଚାଷୀ ନାଁରେ ଦଲାଲ ଓ ଅଧିକାରୀ ମିଶି ପକେଟସ୍ଥ କରୁଛନ୍ତି କ୍ୱିଣ୍ଟାଲ ପିଛା ୧୧୦୦ ଟଙ୍କା। ଏହି ଉପାୟରେ ଲକ୍ଷ ଲକ୍ଷ ଟଙ୍କା ସରକାରୀ ରାଜକୋଷରୁ ହରିଲୁଟ୍ ହେଉଛି, ଯାହା ସିଧାସଳଖ ଦୁର୍ନୀତିର ଗନ୍ଧ ବାରି ହେଉଛି।

କଟନି-ଛଟନିର କଳା ପାହାଡ଼: ଯେଉଁ ଅଳ୍ପ କିଛି ଚାଷୀ ଧୈର୍ଯ୍ୟ ଧରି ମଣ୍ଡି ପର୍ଯ୍ୟନ୍ତ ଯାଉଛନ୍ତି, ସେଠାରେ ସେମାନଙ୍କୁ ଅପେକ୍ଷା କରିଛି 'କଟନି-ଛଟନି'। ଏଫଏକ୍ୟୁ (FAQ) ମାନ ନାଁରେ ମିଲରମାନେ କ୍ୱିଣ୍ଟାଲ ପିଛା ୫ରୁ ୧୦ କିଲୋ ଧାନ କାଟି ଦେଉଛନ୍ତି। ପ୍ରଶାସନର ନାକ ତଳେ ମିଲରମାନେ ଦାଦାଗିରି ଚଳାଇଛନ୍ତି, କିନ୍ତୁ ଯୋଗାଣ ଅଧିକାରୀମାନେ ନିରବଦ୍ରଷ୍ଟା। କାରଣ ସ୍ପଷ୍ଟ—ଦୁର୍ନୀତିର ଚେର ତଳୁ ଉପର ପର୍ଯ୍ୟନ୍ତ ଲମ୍ବିଛି।

ଟୋକନ୍ ବ୍ୟବସ୍ଥା କାହା ସ୍ୱାର୍ଥରେ?: ଟୋକନ୍ ବ୍ୟବସ୍ଥା କଣ କେବଳ ଦଲାଲଙ୍କୁ ସୁହାଉଛି? ପ୍ରକୃତ ଚାଷୀ ଟୋକନ୍ ପାଇବାକୁ ମାସ ମାସ ଅପେକ୍ଷା କରୁଥିବା ବେଳେ, ଦଲାଲମାନେ କିପରି ଆଗୁଆ ସବୁ ସୂଚନା ପାଇଯାଉଛନ୍ତି? ମଣ୍ଡି ପରିଚାଳକମାନେ ଜାଣିଶୁଣି ପ୍ରକୃତ ଚାଷୀଙ୍କୁ ହଇରାଣ କରୁଛନ୍ତି, ଯାହାଫଳରେ ସେମାନେ ବାଧ ହୋଇ ଦଲାଲର ଶରଣାପନ୍ନ ହେବେ। ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବ୍ୟତୀତ ଆଉ କିଛି ନୁହେଁ।

ସରକାର ଯଦି ଭାବୁଛନ୍ତି ୩୧୦୦ ଟଙ୍କା ଘୋଷଣା କରିଦେଲେ ଦାୟିତ୍ୱ ସରିଗଲା, ତେବେ ତାହା ଭୁଲ। ବାସ୍ତବରେ ଚାଷୀ ପାଖରେ ସେହି ଟଙ୍କା ପହଞ୍ଚୁଛି ନା ଦଲାଲ ଖାଉଛି, ତାହାର ତଦନ୍ତ କିଏ କରିବ? ମଣ୍ଡି ଖୋଲିବା ପୂର୍ବରୁ ଗାଁ ଗାଁରେ ବୁଲୁଥିବା ଦଲାଲଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ? ତୁରନ୍ତ ଏହି 'ଟୋକନ୍ ହାଇଜାକ୍' ରାକେଟର ପର୍ଦ୍ଦାଫାସ କରାଯାଉ ଏବଂ ମଣ୍ଡି ପରିଚାଳକଙ୍କ ସମ୍ପତ୍ତି ତାଲିକା ଯାଞ୍ଚ କରାଯାଉ। ନଚେତ୍, ଚାଷୀର ଲୁହରେ ଗଢ଼ା ହୋଇଥିବା ଏହି "ଉତ୍କର୍ଷ"ର ସ୍ୱପ୍ନ ଅଳ୍ପ ଦିନରେ ଭାଙ୍ଗି ଚୁରମାର ହୋଇଯିବ।

# ଗୋପାଳପୁର ରୁ ଚାନ୍ଦବାଲି

୨୦୨୫ ବର୍ଷର ସୂର୍ଯ୍ୟାସ୍ତ ହୋଇସାରିଛି । କ୍ୟାଲେଣ୍ଡର ବଦଳିବା ସହ ଓଡ଼ିଶାର ଶାସନ ଗାଦିରେ ମଧ୍ୟ ପରିବର୍ତ୍ତନ ଘଟିଛି। କିନ୍ତୁ ଏହି "ପରିବର୍ତ୍ତନ"ର ଦେଢ଼ ବର୍ଷ ପରେ ଆଜି ସାଧାରଣ ଜନତା, ବିଶେଷକରି ମହିଳାମାନେ ଯେଉଁ ଅସୁରକ୍ଷିତ ବାତାବରଣ ମଧ୍ୟରେ ଗତି କରୁଛନ୍ତି, ତାହା ଅତ୍ୟନ୍ତ ଚିନ୍ତାଜନକ। 'ମୋହନ ସରକାର'ଙ୍କ ଶପଥ ଗ୍ରହଣ ସମୟରେ ରାଜ୍ୟରେ "ଭୟମୁକ୍ତ ଶାସନ" ଏବଂ "ଆଇନର ରାଜୁତି" ପ୍ରତିଷ୍ଠା ପାଇଁ ଯେଉଁ ଡିଣ୍ଡିମ ପିଟା ଯାଇଥିଲା, ଆଜି ଭଦ୍ରକରୁ ଗୋପାଳପୁର ପର୍ଯ୍ୟନ୍ତ ଘଟୁଥିବା ଘଟଣାବଳୀ ସେହି ପ୍ରତିଶ୍ରୁତିକୁ ଉପହାସ କରୁଛି। ଗୋପାଳପୁରର କ୍ଷତ ନ ଶୁଖୁଣୁ ଭଦ୍ରକର ଚିତ୍କାର ବର୍ଷର ମଧ୍ୟଭାଗରେ (ଜୁନ୍ ମାସରେ) ଗୋପାଳପୁର ବେଳାଭୂମିରେ ଘଟିଥିବା ଦୁଷ୍କର୍ମ ଘଟଣା ରାଜ୍ୟର ପର୍ଯ୍ୟଟନ ଓ ମହିଳା ସୁରକ୍ଷା ଉପରେ ଏକ ବଡ଼ କଳା ଦାଗ ଲଗାଇଥିଲା। ଆଶା କରାଯାଉଥିଲା ଯେ ସରକାର ଏଥିରୁ ଶିକ୍ଷା ଗ୍ରହଣ କରିବେ। କିନ୍ତୁ ବର୍ଷ ଶେଷ ବେଳକୁ ଭଦ୍ରକର ଚାନ୍ଦବାଲିରେ ଘଟିଥିବା ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣା ପ୍ରମାଣିତ କରିଦେଲା ଯେ, ଅପରାଧୀଙ୍କ ମନରେ ପୋଲିସର ଆଉ ଭୟ ନାହିଁ। ଯେଉଁଠି ଶତାଧିକ ମହିଳାଙ୍କୁ ଝାଡୁ ଧରି ରାସ୍ତାକୁ ଓହ୍ଲାଇବାକୁ ପଡେ ଏବଂ ଏସପି ଅଫିସ ଘେରାଉ କରିବାକୁ ପଡେ, ସେଠାରେ ବୁଝିବାକୁ ବାକି ରହେନି ଯେ ପ୍ରଶାସନିକ ବ୍ୟବସ୍ଥା ଭୁଶୁଡି ପଡିଛି। ଭଦ୍ରକ ଏସପି ଅଫିସରେ ଫୁଲତୋଡ଼ା ମନା କରିଦେବା ଏକ "ଲୋକଦେଖାଣିଆ ସଂସ୍କାର" ହୋଇପାରେ, କିନ୍ତୁ ଏହା ଗୋଟିଏ ମାଆର କୋଳ ଖାଲି ହେବାର ଦୁଃଖକୁ ଲାଘବ କରିପାରିବ କି?

ସେହିପରି ନିଶା କାରବାରକୁ ନେଇ ସରକାର

ସମାଲୋଚିତ । ଏହା ସରକାରଙ୍କ ଆୟ ନା ମୃତ୍ୟୁର ବ୍ୟବସାୟ ? ଏଭଳି କିଛି ଚର୍ଚ୍ଚା ସାଉଁଟିଛି ନୂଆ ସରକାର । ଭଦ୍ରକ ଓ ଗୋପାଳପୁର—ଉଭୟ ଘଟଣାର ମୂଳରେ ରହିଛି ଅବାଧ ନିଶା କାରବାର। 'ନୂଆ ସରକାର' ଆସିଲେ ନିଶା ମାଫିଆଙ୍କ ଅଣ୍ଟା ଭାଙ୍ଗିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବାସ୍ତବତା ହେଉଛି, ଗାଁ ଗାଁରେ ଏବେ ବ୍ରାଉନସୁଗାର (ଧଳାଜହର) ଏବଂ ମଦର ବନ୍ୟା ଛୁଟୁଛି। ପୋଲିସ କେବଳ ଛୋଟମୋଟ ଚଢ଼ାଉ କରି ନିଜର ପିଠି ଆପୁଡ଼ାଉଛି, କିନ୍ତୁ ବଡ଼ ମାଫିଆମାନେ ରାଜନୈତିକ ଛତ୍ରଛାୟା ତଳେ ସୁରକ୍ଷିତ ଅଛନ୍ତି। ଯେଉଁ ସରକାର ମଦରୁ ରାଜସ୍ୱ ପାଇବା ପାଇଁ ବ୍ୟାକୁଳ, ସେହି ସରକାର ନିଶାଜନିତ ଅପରାଧକୁ ରୋକିବାର ନୈତିକ ଅଧିକାର ହରାଉଛନ୍ତି କି?

ବିଫଳ 'ଡବଲ ଇଞ୍ଜିନ', ନିଦରେ ଗୃହ ବିଭାଗ: କେନ୍ଦ୍ର ଓ ରାଜ୍ୟରେ ସମାନ ଦଳର ସରକାର ରହିଲେ ବିକାଶ ଓ ସୁରକ୍ଷା ଦ୍ୱିଗୁଣିତ ହେବ ବୋଲି କୁହାଯାଉଥିଲା। କିନ୍ତୁ ୨୦୨୫ର ରିପୋର୍ଟ କାର୍ଡ ଦେଖିଲେ ମନେହୁଏ, "ଡବଲ ଇଞ୍ଜିନ"ର ଗୋଟିଏ ଇଞ୍ଜିନ ବୋଧହୁଏ ବିକଳ ହୋଇଯାଇଛି। ଖୋଦ୍ ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଦାୟିତ୍ୱରେ ଥାଇ ମଧ୍ୟ ପୋଲିସ ବାହିନୀ ନିଷ୍କ୍ରିୟ କାହିଁକି? କାହିଁକି ଗୋଟିଏ ନାବାଳିକା ନିଖୋଜ ହେବାର ୨୪ ଘଣ୍ଟା ମଧ୍ୟରେ ପୋଲିସ ତତ୍ପରତା ଦେଖାଇଲାନି? ବିରୋଧୀ ଦଳରେ ଥିବାବେଳେ ଯେଉଁ ନେତାମାନେ ପ୍ରତିଟି ଘଟଣାରେ ସିବିଆଇ (CBI) ତଦନ୍ତ ଦାବି କରୁଥିଲେ, ଆଜି କ୍ଷମତାରେ ଥାଇ ସେମାନେ ନିରବ କାହିଁକି? ନୂଆ ସରକାରଙ୍କ ପାଇଁ "ହନିମୁନ୍ ପିରିୟଡ୍ ଶେଷ ହୋଇଛି। କେବଳ ପୂର୍ବ ସରକାରଙ୍କୁ ଦୋଷ ଦେଇ କିମ୍ବା ବଡ଼ ବଡ଼ କନକ୍ଲେଭ୍ କରି ନିଜ ଦାୟିତ୍ୱରୁ ଖସିଯିବା ସମ୍ଭବ ନୁହେଁ। "ଉତ୍କର୍ଷ ଓଡ଼ିଶା"ର ସ୍ୱପ୍ନ ସେତେବେଳେ ସାର୍ଥକ ହେବ, ଯେତେବେଳେ ରାଜ୍ୟର ମହିଳାମାନେ ରାତି ଅଧରେ ମଧ୍ୟ ନିର୍ଭୟରେ ରାସ୍ତାରେ ଚାଲିପାରିବେ। ଭଦ୍ରକ ଓ ଗୋପାଳପୁରର ଘଟଣା ସରକାରଙ୍କ ପାଇଁ ଶେଷ ଚେତାବନୀ। ଯଦି ଏବେଠାରୁ "ଜିରୋ ଟଲରାନ୍ସ" ନୀତି କେବଳ ଭାଷଣରେ ନ ରହି କାର୍ଯ୍ୟରେ ପରିଣତ ନ ହୁଏ, ତେବେ ୨୦୨୬ ବର୍ଷ ସରକାରଙ୍କ ପାଇଁ ଜନଆକ୍ରୋଶର ବର୍ଷ ହେବ, ଏଥିରେ ସନ୍ଦେହ ନାହିଁ।

ତ୍ରିବିଧଃ ନରକସ୍ୟଦଂ ଦ୍ବାରଂ ନାଶନମାତ୍ମନଃ । କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ରୟଂ ତ୍ୟଜେତ୍ ।୨୧।।

କାମ, କ୍ରୋଧ ଏବଂ ଲୋଭ ଏହା ତିନୋଟି ନରକର ମୂଳ ଦ୍ବାର ଅଟେ । ଏମାନେ ଆତ୍ମାକୁ ନାଶ କରି ତାହାଙ୍କୁ ଅଧୋଗତିରେ ନେଇଥାନ୍ତି । ଅତଃ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ ।

## ନୀତି ବାଣୀ

ଯେପରି ଫୁଲର ମହକରେ ଧରା ସୁବାସିତ ହୁଏ କିନ୍ତୁ ଧରାର ଗନ୍ଧ ଫୁଲରେ ପ୍ରତିଫଳିତ ହୁଏନାହିଁ, ସେହିପରି ଶିଷ୍ଟ ସଙ୍ଗରେ ଦୁଷ୍ଟ ରହିଲେ ଦୁଷ୍ଟ ଶିଷ୍ଟ ହୁଏ; କିନ୍ତୁ ଦୁଷ୍ଟ ସଙ୍ଗରେ ଶିଷ୍ଟ ରହିଲେ ଶିଷ୍ଟ ଦୁଷ୍ଟ ହୁଏ ନାହିଁ ।

# ଘରେ ତିଆରି କରନ୍ତୁ 'ରେସ୍ତୋରାଁ' ପରି ପିଜା

"ପିଜା" (Pizza)—ଏହି ଶବ୍ଦଟି ଶୁଣିଲେ କେବଳ ପିଲା ନୁହେଁ, ବଡ଼ମାନଙ୍କ ପାଟିରୁ ମଧ ଲାଳ ଗଡ଼ିଆସେ। କିଛି ବର୍ଷ ତଳେ ଯାହା କେବଳ ବଡ଼ ବଡ଼ ସହରର ରେସ୍ତୋରାଁରେ ସୀମିତ ଥିଲା, ଆଜି ତାହା ଘରେ ଘରେ ପହଞ୍ଚି ସାରିଲାଣି। ତେବେ ବାହାରୁ ମହଙ୍ଗା ପିଜା ଅର୍ଡର କରିବା ଅପେକ୍ଷା ଯଦି ନିଜ ହାତରେ, ନିଜ ପସନ୍ଦର ପରିବା ପକାଇ, ସ୍ୱାସ୍ଥ୍ୟକର ଉପାୟରେ ଘରେ ପିଜା ତିଆରି କରାଯାଏ, ତେବେ ତାହାର ମଜା କିଛି ନିଆରା।

ଆଜିକାଲି ଅନେକ ଗୃହିଣୀ ଓ ଖାଦ୍ୟପ୍ରେମୀ ଘରେ ପିଜା ବନାଇବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଯଦି ଆପଣଙ୍କ ପାଖରେ ଓଭେନ୍ (Oven) ନାହିଁ, ତଥାପି ଚିନ୍ତା କରିବାର କୌଣସି କାରଣ ନାହିଁ। ଆପଣ ସାଧାରଣ ତାୱା କିମ୍ବା କଡ଼େଇରେ ମଧ ବଜାର ଭଳି ସ୍ୱାଦିଷ୍ଟ ପିଜା ପ୍ରସ୍ତୁତ କରିପାରିବେ। ଆସନ୍ତୁ ଜାଣିବା ଏହାର ସହଜ ପ୍ରଣାଳୀ।

**ଆବଶ୍ୟକୀୟ ସାମଗ୍ରୀ:**

**ପିଜା ବେସ୍ ପାଇଁ:** ମଇଦା- ୨ କପ୍, ଦହି- ୨ ଚାମଚ (ଯଦି ଇଷ୍ଟ ନାହିଁ), ବେକିଂ ପାଉଡର- ୧/୨ ଚାମଚ, ବେକିଂ ସୋଡା- ୧/୪ ଚାମଚ, ଚିନି- ୧ ଚାମଚ, ଲୁଣ- ସ୍ୱାଦାନୁସାରେ, ତେଲ- ୨ ଚାମଚ।

**ସଜାଇବା ପାଇଁ:** ପିଜା ସସ୍ କିମ୍ବା ଟମାଟୋ ସସ୍, ମୋଜାରେଲା ଚିଜ୍ (Mozzarella Cheese), କଟା ହୋଇଥିବା ପିଆଜ, କ୍ୟାପସିକମ୍, ଟମାଟୋ, ସ୍ୱିଟ୍ କର୍ଣ୍ଣ, ପନିର କିମ୍ବା ଚିକେନ୍ (ଇଚ୍ଛାଧୀନ), ଚିଲି ଫ୍ଲେକ୍ସ ଓ ଓରିଗାନୋ।

**ପିଜା ସଜାଇବା:** ୨ ଘଣ୍ଟା ପରେ ମଇଦାକୁ ଆଉ ଥରେ ଅଳ୍ପ ଚକଟି ଦିଅନ୍ତୁ। ଏଥିରୁ ଏକ ବଡ଼ ଗୁଳା ନେଇ ମୋଟା ରୁଟି ପରି ବେଲି ଦିଅନ୍ତୁ। ଏହା ପରେ ଏକ କଣ୍ଟା ଚାମଚ ସାହାଯ୍ୟରେ ରୁଟି ଉପରେ ଛୋଟ ଛୋଟ କଣା କରିଦିଅନ୍ତୁ ଯେପରି ରୁଟିଟି ଫୁଲିବ ନାହିଁ। ବର୍ତ୍ତମାନ ଏହା ଉପରେ ପିଜା ସସ୍ ଲଗାନ୍ତୁ। ଏହା ଉପରେ ପ୍ରଚୁର ପରିମାଣରେ 'ଚିଜ୍' କୋରି ପକାନ୍ତୁ। ତା'ପରେ ନିଜ ପସନ୍ଦର ପରିବା (ପିଆଜ, କ୍ୟାପସିକମ୍, ପନିର ଇତ୍ୟାଦି) ସଜାଇ ଦିଅନ୍ତୁ। ଶେଷରେ ଆଉ ଟିକେ ଚିଜ୍ ଓ ଚିଲି ଫ୍ଲେକ୍ସ ଛିଞ୍ଚି ଦିଅନ୍ତୁ। ଓଭେନ୍ ନଥିଲେ କିପରି କରିବେ? (ତାୱା ପଦ୍ଧତି) ଯଦି ଘରେ ମାଇକ୍ରୋୱେଭ୍ ଓଭେନ୍ ନାହିଁ, ତେବେ ଗ୍ୟାସ୍ ଚୁଲାରେ ଏକ ମୋଟା ତାୱା କିମ୍ବା ନନ୍-ଷ୍ଟିକ ପ୍ୟାନ୍ ବସାନ୍ତୁ। ପ୍ୟାନ୍‌ରେ ଅଳ୍ପ ବଟର୍ କିମ୍ବା ତେଲ ଲଗାଇ ସଜା ହୋଇଥିବା ପିଜାକୁ ଧୀରେ ରଖନ୍ତୁ। ଏବେ ଏହାକୁ ଏକ ଢାଙ୍କୁଣୀ ଦେଇ ଘୋଡ଼ାଇ ଦିଅନ୍ତୁ ଏବଂ ନିଆଁକୁ ସମ୍ପୂର୍ଣ୍ଣ କମ୍ (Sim) ରଖନ୍ତୁ। ୧୦ ରୁ ୧୫ ମିନିଟ୍ ପରେ ଢାଙ୍କୁଣୀ ଖୋଲି ଦେଖନ୍ତୁ ଯଦି ଚିଜ୍ ତରଳି ଯାଇଛି ଏବଂ ପିଜାର ତଳ ଭାଗ ସୁନେଲି ରଙ୍ଗ ହୋଇଯାଇଛି, ତେବେ ଆପଣଙ୍କ ପିଜା ପ୍ରସ୍ତୁତ।

**ଟିପ୍ସ:**

ପିଜାକୁ ଅଧିକ ସ୍ୱାଦିଷ୍ଟ କରିବା ପାଇଁ ପନିର କିମ୍ବା ପରିବାକୁ ଆଗରୁ ଅଳ୍ପ ଲୁଣ ଓ ଗୋଲମରିଚ ଗୁଣ୍ଡରେ ଭାଜି ପାରିବେ।

ପିଜା କାଟିବା ପରେ ଉପରେ ଓରିଗାନୋ (Oregano) ପକାଇଲେ ଏହା ବିଲକୁଲ୍ ବଜାର ପରି ବାସ୍ନା ଦେବ ।

ତେବେ ଆଉ ଡେରି କାହିଁକି? ନୂଆବର୍ଷରେ ନିଜ ପରିବାର ପାଇଁ ଘରେ ପ୍ରସ୍ତୁତ କରନ୍ତୁ ଗରମା ଗରମ ପିଜା ।

## ପ୍ରସ୍ତୁତି ପ୍ରଣାଳୀ

**ପିଜା ବେସ୍ ପ୍ରସ୍ତୁତି:** ପ୍ରଥମେ ଏକ ବଡ଼ ପାତ୍ରରେ ମଇଦା ନିଅନ୍ତୁ। ସେଥିରେ ଦହି, ବେକିଂ ପାଉଡର, ବେକିଂ ସୋଡା, ଲୁଣ, ଚିନି ଓ ଅଳ୍ପ ତେଲ ପକାଇ ଭଲ ଭାବରେ ମିଶାନ୍ତୁ। ଏବେ ଅଳ୍ପ ଅଳ୍ପ ପାଣି ଦେଇ ଏହାକୁ ରୁଟି ଚକଟା ପରି ନରମ କରି ଚକଟି ଦିଅନ୍ତୁ। ଏହି ଚକଟାକୁ ଏକ ଓଦା କପଡ଼ାରେ ଘୋଡ଼ାଇ ପ୍ରାୟ ୧ ରୁ ୨ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ଫଳରେ ମଇଦାଟି ଫୁଲି ପିଜା ପାଇଁ ଉପଯୁକ୍ତ ହୋଇଯିବ।

# କେଉଁଠି ରଖିବେ କେଉଁ ଜିନିଷ

**ବାସ୍ତୁ ଶାସ୍ତ୍ର ଅନୁସାରେ ଘରର ପ୍ରତ୍ୟେକ ବସ୍ତୁର ଏକ ନିର୍ଦ୍ଦିଷ୍ଟ ସ୍ଥାନ ଓ ଦିଗ ରହିଛି। ଯଦି ସଠିକ୍ ଦିଗରେ ଜିନିଷପତ୍ର ରଖାଯାଏ, ତେବେ ଘରେ ସୁଖ, ଶାନ୍ତି ଓ ସମୃଦ୍ଧି ବୃଦ୍ଧି ପାଏ।**

**ଫ୍ରିଜ୍ :**

- ଫ୍ରିଜ୍ ରଖିବା ପାଇଁ ଦକ୍ଷିଣ-ପଶ୍ଚିମ (ନୈଋତ କୋଣ) ସବୁଠାରୁ ଉତ୍ତମ । ଏହା ବ୍ୟତୀତ ଆପଣ ଉତ୍ତର-ପଶ୍ଚିମ (ବାୟବ୍ୟ) କୋଣରେ ମଧ ରଖିପାରିବେ ।
- ଫ୍ରିଜ୍‌କୁ କେବେବି କାନ୍ଥ ସହ ଲଗାଇ ରଖନ୍ତୁ ନାହିଁ; ଅତିକମରେ ୧ ଫୁଟ ଦୂରତା ରଖନ୍ତୁ।
- ଫ୍ରିଜ୍‌କୁ କେବେବି ଉତ୍ତର-ପୂର୍ବ (ଈଶାନ) କୋଣରେ ରଖନ୍ତୁ ନାହିଁ। ଏହା ଘରର ଶାନ୍ତି ନଷ୍ଟ କରିପାରେ।

**ଗ୍ରାଇଣ୍ଡର ଓ ମିକ୍ସଚର :**

- ଗ୍ରାଇଣ୍ଡର, ମାଇକ୍ରୋୱେଭ୍ ଓଭେନ୍ ଭଳି ବିଦ୍ୟୁତ୍ ଚାଳିତ ଯନ୍ତ୍ରଗୁଡ଼ିକ 'ଅଗ୍ନି' ସହ ଜଡ଼ିତ। ତେଣୁ ଏଗୁଡ଼ିକୁ ରୋଷେଇ ଘରର **ଦକ୍ଷିଣ-ପୂର୍ବ (ଅଗ୍ନି କୋଣ)**ରେ ରଖିବା ଶୁଭଙ୍କର।
- ଯଦି ସେଠାରେ ସ୍ଥାନ ନାହିଁ, ତେବେ ଦକ୍ଷିଣ ଦିଗରେ ମଧ ରଖାଯାଇପାରେ।

**ଗ୍ୟାସ ଚୁଲି :**

- ରୋଷେଇ ଘରର ଦକ୍ଷିଣ-ପୂର୍ବ (ଅଗ୍ନି) କୋଣରେ ଗ୍ୟାସ୍ ଚୁଲି ରହିବା ଉଚିତ।
- ରୋଷେଇ କଲାବେଳେ ଯେପରି ଗୃହିଣୀଙ୍କ ମୁହଁ ପୂର୍ବ ଦିଗକୁ ରହେ, ସେଥିପ୍ରତି ଧ୍ୟାନ ଦେବେ।

**ପାଣି ଫିଲ୍ଟର କିମ୍ବା ମାଠିଆ:**

- ପାଣିର ସ୍ଥାନ ସର୍ବଦା ଉତ୍ତର-ପୂର୍ବ (ଈଶାନ କୋଣ) ହେବା ଉଚିତ। ଏହା ଘରର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଭଲ ରଖିବାରେ ସାହାଯ୍ୟ କରେ।

**ୱାସିଂ ମେସିନ୍ :**

- କପଡ଼ା ସଫା କରିବା ଏବଂ ପାଣି ବୋହିଯିବା ସହ ଏହା ଜଡ଼ିତ ଥିବାରୁ, ଏହାକୁ ଉତ୍ତର-ପଶ୍ଚିମ (ବାୟବ୍ୟ) କୋଣରେ କିମ୍ବା ଦକ୍ଷିଣ-ପୂର୍ବ କୋଣରେ ରଖାଯାଇପାରେ।
- ଏହାକୁ କେବେବି ଉତ୍ତର-ପୂର୍ବ (ଈଶାନ) କୋଣରେ ରଖିବେ ନାହିଁ।

**ଝାଡୁ :**

- ଝାଡୁକୁ ଘରର ଦକ୍ଷିଣ-ପଶ୍ଚିମ (ନୈଋତ) କିମ୍ବା ଉତ୍ତର-ପଶ୍ଚିମ ଦିଗରେ ଲୁଚାଇ ରଖିବା ଉଚିତ।
- ଝାଡୁକୁ କେବେବି ଠିଆ କରି ରଖନ୍ତୁ ନାହିଁ କିମ୍ବା ଖୋଲା ଜାଗାରେ (ଯେପରିକି ଲିଭିଂ ରୁମ୍) ରଖନ୍ତୁ ନାହିଁ। ଏହାକୁ ଗୋଡ଼ ଲଗାଇବା ଅଶୁଭ ମନାଯାଏ।

**ଟିଭି :**

- ଟିଭିକୁ ଲିଭିଂ ରୁମ୍‌ର ଦକ୍ଷିଣ-ପୂର୍ବ ଦିଗରେ ରଖିବା ଭଲ। ଉତ୍ତର-ପୂର୍ବ ଦିଗରେ ଟିଭି ରଖିଲେ ଘର ଲୋକଙ୍କ ସମୟ ଅଯଥା ନଷ୍ଟ ହୁଏ ବୋଲି ବିଶ୍ୱାସ କରାଯାଏ।

**ଘଣ୍ଟା:**

- ଘଣ୍ଟାକୁ ସର୍ବଦା ପୂର୍ବ, ପଶ୍ଚିମ କିମ୍ବା ଉତ୍ତର କାନ୍ଥରେ ଲଗାଇବା ଉଚିତ।
- ଦକ୍ଷିଣ କାନ୍ଥରେ ଘଣ୍ଟା ଲଗାଇବା ଅଶୁଭ। ଘରର ମୁଖ୍ୟ ଦ୍ୱାର ଉପରେ ମଧ ଘଣ୍ଟା ଲଗାନ୍ତୁ ନାହିଁ।

# ସୂର୍ଯ୍ୟ ବୁଡ଼ିଲେ ଖାଇବା ବନ୍ଦ

ବୟସ ୫୦ ଟପିବା ପରେ ମଧ ବଲିଉଡ୍ ତାରକାମାନଙ୍କ ଚେହେରାରେ ଯୌବନର ଚମକ କିପରି ରହୁଛି? ଏହି ପ୍ରଶ୍ନ ସମସ୍ତଙ୍କ ମନରେ ଆସେ । ଅନେକ ଭାବନ୍ତି ସେମାନେ ଦାମୀ ଖାଦ୍ୟ ଖାଆନ୍ତି ବା ବିଦେଶୀ ଔଷଧ ସେବନ କରନ୍ତି । କିନ୍ତୁ ବାସ୍ତବତା କିଛି ଭିନ୍ନ। ବଲିଉଡର ଫିଟ୍ ଷ୍ଟାର୍ ଅକ୍ଷୟ କୁମାର, କରୀନା କପୁର ଖାନ୍ ଏବଂ ଶିଳ୍ପା ସେଟ୍ଟୀଙ୍କ ଭଳି ତାରକାମାନଙ୍କ ଫିଟନେସ୍‌ର ମୂଳମନ୍ତ୍ର ହେଉଛି— "ସୂର୍ଯ୍ୟାସ୍ତ ପରେ ଖାଦ୍ୟ ବାରଣ"। ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ଆମେ ରାତି ୧୦ଟା କିମ୍ବା ୧୧ଟାରେ ଖାଇବାକୁ ସାଧାରଣ କଥା ଭାବୁଛୁ। କିନ୍ତୁ ଏହି ଅଭ୍ୟାସ ହିଁ ଆମକୁ ରୋଗାକ୍ରାନ୍ତ କରୁଛି ବୋଲି ସେଲିବ୍ରିଟିମାନେ ମତ ଦିଅନ୍ତି।

**ଅକ୍ଷୟ କୁମାରଙ୍କ '୬:୩୦' ନିୟମ :** ବଲିଉଡର 'ଖିଲାଡି' ଅକ୍ଷୟ କୁମାର ନିଜର କଡ଼ା ଅନୁଶାସନ ପାଇଁ ଜଣାଶୁଣା। ଏକ ସାକ୍ଷାତକାରରେ ସେ କହିଥିଲେ, "ମୋ ଶରୀର ଏକ ମନ୍ଦିର, ଏଥିରେ ମୁଁ ଅଳିଆ ଗଦା କରିପାରିବି ନାହିଁ। ମୁଁ ସନ୍ଧ୍ୟା ୬.୩୦ ସୁଦ୍ଧା ମୋର ରାତ୍ରି ଭୋଜନ ଶେଷ କରେ। ସୂର୍ଯ୍ୟ ବୁଡ଼ିବା ପରେ ଶରୀର ଖାଦ୍ୟ ହଜମ କରିବା ଅପେକ୍ଷା ବିଶ୍ରାମ ମାଗିଥାଏ।" ତାଙ୍କ ମତରେ, ଶୋଇବାର ଅତିକମରେ ୪ ଘଣ୍ଟା ପୂର୍ବରୁ ଖାଇଲେ ଶରୀର ନିଜକୁ ମରାମତି କରିବାକୁ ସମୟ ପାଏ।

**କରୀନାଙ୍କ ଦେଶୀ ଫର୍ମୁଲା:** 'ଜିରୋ ଫିଗର' ଟ୍ରେଣ୍ଡ ଆଣିଥିବା କରୀନା କପୁର ଖାନ୍ ମଧ ଏହି ନିୟମକୁ କଡ଼ାକଡ଼ି ପାଳନ କରନ୍ତି। ସେ କୁହନ୍ତି, "ଆମ ପୂର୍ବପୁରୁଷମାନେ ସୂର୍ଯ୍ୟାସ୍ତ ପୂର୍ବରୁ ଖାଇ ଶୋଇପଡୁଥିଲେ, ତେଣୁ ସେମାନେ ସୁସ୍ଥ ଥିଲେ। ରାତିରେ ଡେରିରେ ଖାଇଲେ ପେଟ ଫୁଲିବା ଏବଂ ହଜମ ଜନିତ ସମସ୍ୟା ଦେଖାଦିଏ ।" କରୀନା ପ୍ରାୟତଃ ସନ୍ଧ୍ୟା ୭ଟା ଭିତରେ ଖେଚୁଡ଼ି ବା ଡାଲି-ଭାତ ଭଳି ହାଲୁକା ଖାଦ୍ୟ ଖାଇଥାନ୍ତି ।

**ବିରାଟ କୋହଲିଙ୍କ ୯୦% ନିୟମ:** କ୍ରିକେଟର ବିରାଟ କୋହଲି ନିଜ ଫିଟନେସ୍ ପାଇଁ କେବଳ ଭାରତରେ ନୁହେଁ, ବିଶ୍ୱରେ ପରିଚିତ। ସେ କୁହନ୍ତି ଯେ ରାତ୍ରି ଭୋଜନ ସେ ସବୁବେଳେ ହାଲୁକା ରଖନ୍ତି ଏବଂ ତାହା କେବଳ ସିଝା ପରିବା କିମ୍ବା ସୁପ୍ ମଧରେ ସୀମିତ ଥାଏ। ତାଙ୍କ ମତରେ, "ପେଟର କ୍ଷମତାର ୯୦% ଖାଆନ୍ତୁ, ବାକି ୧୦% ଖାଲି ରଖନ୍ତୁ, ବିଶେଷକରି ରାତିରେ।" କେବଳ ଷ୍ଟାର୍‌ମାନେ ନୁହଁନ୍ତି, ଡାକ୍ତରୀ ବିଜ୍ଞାନ ମଧ ଏହାକୁ ସମର୍ଥନ କରୁଛି। ରାତିରେ ଶୀଘ୍ର ଖାଇବାର ୫ଟି ବଡ଼ ଫାଇଦା ରହିଛି:

**ଓଜନ ହ୍ରାସ:** ସନ୍ଧ୍ୟା ୭ଟାରେ ଖାଇ ସକାଳ ୮ଟାରେ ଜଳଖିଆ ଖାଇଲେ ଶରୀରକୁ ପ୍ରାୟ ୧୩ ଘଣ୍ଟାର ଉପବାସ (Fasting) ସମୟ ମିଳେ। ଏହା ଚର୍ବି କମାଇବାରେ ସାହାଯ୍ୟ କରେ।

**ଭଲ ନିଦ:** ପେଟ ଭର୍ତ୍ତି କରି ଶୋଇଲେ ଶରୀର ହଜମ କ୍ରିୟାରେ ବ୍ୟସ୍ତ ରହେ, ଯାହା ନିଦରେ ବାଧା ସୃଷ୍ଟି କରେ। ଖାଲି ପେଟରେ ଶୋଇଲେ ଗଭୀର ନିଦ ହୁଏ।

**ସୁସ୍ଥ ହୃଦୟ:** ଡେରିରେ ଖାଇବା ଦ୍ୱାରା ରକ୍ତଚାପ ଏବଂ କୋଲେଷ୍ଟ୍ରଲ ବଢ଼ିବାର ଆଶଙ୍କା ଥାଏ।

**ଡାଇବେଟିସ୍ ନିୟନ୍ତ୍ରଣ:** ରାତିରେ ଶରୀରର ଇନସୁଲିନ୍ ସେନସିଟିଭିଟି କମିଯାଏ। ତେଣୁ ଡେରିରେ ଖାଇଲେ ରକ୍ତରେ ଶର୍କରା ମାତ୍ରା ବଢ଼ିଯାଏ।

# 'କଣ୍ଠରେ ଯାଦୁ, ଜୀବନରେ ଝଡ଼'

"ମୋତେ ମାରିଦେଲା ତୋର ମିଠା ହସ..." ଗୀତ ଗାଇ ଲକ୍ଷ ଲକ୍ଷ ଓଡ଼ିଆଙ୍କ ହୃଦୟ ଜିତିଥିବା ମଣିଷଟି ଯେ ଦିନେ ଏମିତି ନିରବି ଯିବେ ଏବଂ ତାଙ୍କ ମୃତ୍ୟୁ ପରେ ବିବାଦର ଏତେ ବଡ଼ ଝଡ଼ ସୃଷ୍ଟି ହେବ, ତାହା କେହି କଳ୍ପନା କରିନଥିଲେ। ଓଲିଉଡର 'ଭଏସ୍ ଅଫ୍ ରୋମାନ୍ସ' କୁହାଯାଉଥିବା ହ୍ୟୁମାନ ସାଗର ଆଜି ଆମ ଗହଣରେ ନାହାନ୍ତି ସତ, କିନ୍ତୁ ତାଙ୍କୁ ଘେରି ରହିଥିବା ବିବାଦ ଓ ରହସ୍ୟ ଏବେ ବି ସତେଜ। ଟିଟିଲାଗଡ଼ର ଏକ ସାଧାରଣ ପରିବାରରୁ ଆସି ସୁପରଷ୍ଟାର ପାଲଟିଥିବା ହ୍ୟୁମାନଙ୍କ ଜୀବନ କୌଣସି ସିନେମା କାହାଣୀଠାରୁ କମ୍ ନୁହେଁ।

**ଟିଟିଲାଗଡ଼ରୁ ଟପ୍ ସିଙ୍ଗର:** ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ର ଏକ ସଙ୍ଗୀତପ୍ରେମୀ ପରିବାରରେ ଜନ୍ମିତ ହ୍ୟୁମାନଙ୍କ ପିଲାଦିନ ସଙ୍ଗୀତମୟ ଥିଲା। ବାପା ରବିଚନ୍ଦ୍ର ସାଗର ଓ ମାଆ ସେଫାଲି ସୁନା ଉଭୟ କଳାକାର ଥିବାରୁ ରକ୍ତରେ ସଙ୍ଗୀତ ଥିଲା। କିନ୍ତୁ ସଫଳତାର ରାସ୍ତା ଏତେ ସହଜ ନଥିଲା। ୨୦୧୨ ମସିହାରେ ରିଆଲିଟି ସୋ "ଭଏସ୍ ଅଫ୍ ଓଡ଼ିଶା ସିଜିନ୍-୨"ର ବିଜେତା ହେବା ପରେ ସେ ରାତାରାତି ତାରକା ପାଲଟିଥିଲେ। ନିଜର ନିଆରା କଣ୍ଠସ୍ୱର ପାଇଁ ସେ ଖୁବ୍ କମ୍ ଦିନରେ ଓଡ଼ିଶାର ଘରେ ଘରେ ପରିଚିତ ହୋଇପାରିଥିଲେ।

**ଜଗନ୍ନାଥ ଓ ବିବାଦ:** ହ୍ୟୁମାନଙ୍କ କ୍ୟାରିୟରରେ ପ୍ରଥମ ବଡ଼ ଝଡ଼ ଆସିଥିଲା ମହାପ୍ରଭୁ ଜଗନ୍ନାଥଙ୍କ ଭଜନକୁ ନେଇ। ଗୋଟିଏ ସମୟରେ ଅଭିଯୋଗ ହୋଇଥିଲା ଯେ, ହ୍ୟୁମାନ ଅନ୍ୟ ଧର୍ମାବଲମ୍ବୀ ହୋଇଥିବାରୁ ଜଗନ୍ନାଥଙ୍କ ଭଜନ ଗାଇବାକୁ ମନା କରିଦେଇଥିଲେ। ଏହାକୁ ନେଇ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଏକ ଭଜନରେ ଅଶାଳୀନ ଶବ୍ଦ ପ୍ରୟୋଗ ଓ ତାଳ ବିକୃତ କରିବା ଅଭିଯୋଗରେ ତାଙ୍କ ନାମରେ ଏତଲା ମଧ ହୋଇଥିଲା। ଯଦିଓ ସେ ପରେ କ୍ଷମା ପ୍ରାର୍ଥନା କରିଥିଲେ ଏବଂ ଅନେକ ସୁପରହିଟ୍ ଭଜନ ଗାଇଥିଲେ, କିନ୍ତୁ ସେହି କଳା ଦାଗ ତାଙ୍କୁ ଦୀର୍ଘ ଦିନ ପର୍ଯ୍ୟନ୍ତ ଗୋଡ଼ାଇଥିଲା।

ପ୍ରେମ ବିବାହର କରୁଣ ପରିଣତି "ଭଏସ୍ ଅଫ୍ ଓଡ଼ିଶା" ମଞ୍ଚରୁ ଆରମ୍ଭ ହୋଇଥିବା ଶ୍ରୀୟା ମିଶ୍ର ଓ ହ୍ୟୁମାନଙ୍କ ପ୍ରେମ କାହାଣୀର ପରିସମାପ୍ତି ଥିଲା ଅତ୍ୟନ୍ତ ଦୁଃଖଦାୟକ। ୨୦୧୭ରେ ପ୍ରେମ ବିବାହ କରିଥିବା ଏହି ଯୋଡ଼ିଙ୍କ ମଧ୍ୟରେ ୨୦୨୨-୨୩ ବେଳକୁ ଫାଟ ସୃଷ୍ଟି ହୋଇଥିଲା। ଶ୍ରୀୟା, ହ୍ୟୁମାନଙ୍କ ବିରୋଧରେ ଶାରୀରିକ ଓ ମାନସିକ ନିର୍ଯାତନା ଏବଂ ଧର୍ମ ପରିବର୍ତ୍ତନ ପାଇଁ ଚାପ ପକାଇବା ଭଳି ସଙ୍ଗିନ ଅଭିଯୋଗ ଆଣିଥିଲେ। ଯଦିଓ ପରବର୍ତ୍ତୀ ସମୟରେ ପାରିବାରିକ ପରାମର୍ଶ କେନ୍ଦ୍ର ମାଧ୍ୟମରେ ସମାଧାନ ହୋଇଥିଲା, କିନ୍ତୁ ଏହି ଘଟଣା ହ୍ୟୁମାନଙ୍କ ବ୍ୟକ୍ତିଗତ ଜୀବନକୁ ପଦାରେ ପକାଇ ଦେଇଥିଲା।

**ମୃତ୍ୟୁ ପରେ 'ପରକୀୟା ପ୍ରୀତି' ଗୁମର :** ୨୦୨୫ ନଭେମ୍ବର ମାସରେ ହ୍ୟୁମାନଙ୍କ ଅକାଳ ବିୟୋଗ ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା। କିନ୍ତୁ ତାଙ୍କ ଚିତା ଲିଭିବା ପୂର୍ବରୁ ଆରମ୍ଭ ହୋଇଥିଲା ଆଉ ଏକ କୁତ୍ସିତ ବିବାଦ। ହ୍ୟୁମାନଙ୍କ ମାଆ ସେଫାଲି ସୁନା ଗଣମାଧ୍ୟମ ଆଗରେ ବିସ୍ଫୋରକ ବୟାନ ଦେଇଥିଲେ। ସେ ସିଧାସଳଖ ଅଭିଯୋଗ କରିଥିଲେ ଯେ, ତାଙ୍କ ପୁଅର ମୃତ୍ୟୁ ସ୍ୱାଭାବିକ ନୁହେଁ, ବରଂ ଏହା ପଛରେ ଏକ ଗଭୀର ଷଡ଼ଯନ୍ତ୍ର ରହିଛି।

ଏହି ବିବାଦର କେନ୍ଦ୍ରବିନ୍ଦୁ ପାଲଟିଥିଲେ ଅନ୍ୟତମ କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ। ହ୍ୟୁମାନଙ୍କ ମାଆ ଅଭିଯୋଗ କରିଥିଲେ ଯେ, ଅର୍ପିତାଙ୍କ ସହ ହ୍ୟୁମାନଙ୍କର 'ପରକୀୟା ପ୍ରୀତି' ଥିଲା ଏବଂ ଏଥିପାଇଁ ହ୍ୟୁମାନଙ୍କ ପାରିବାରିକ ଜୀବନ ନଷ୍ଟ ହୋଇଥିଲା। କେବଳ ସେତିକି ନୁହେଁ, ହ୍ୟୁମାନଙ୍କ ମ୍ୟାନେଜର ଏବଂ ପତ୍ନୀ ଶ୍ରୀୟାଙ୍କ ଭୂମିକା ଉପରେ ମଧ ସେ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ସମ୍ପତ୍ତି ଓ ରୟାଲିଟି ଟଙ୍କା ପାଇଁ ହ୍ୟୁମାନଙ୍କୁ ମାନସିକ ଚାପ ଦିଆଯାଉଥିଲା ଏବଂ ତାଙ୍କୁ ଧୀରେ ଧୀରେ ମୃତ୍ୟୁ ମୁଖକୁ ଠେଲି ଦିଆଯାଇଥିଲା ବୋଲି ପରିବାର ଲୋକେ ଦାବି କରିଥିଲେ।

ହ୍ୟୁମାନ ସାଗର—ଏମିତି ଏକ ନାଁ, ଯାହା ଓଡ଼ିଆ ସଙ୍ଗୀତ ଜଗତରେ ଏକ ଅଧ୍ୟାୟ ଥିଲା। ହଜାର ହଜାର ଗୀତ, ଅଗଣିତ ପ୍ରଶଂସକ ଏବଂ ଅମାପ ସଫଳତା ସତ୍ତ୍ୱେ ବ୍ୟକ୍ତିଗତ ଜୀବନର ବିବାଦ ତାଙ୍କୁ ଶେଷ ପର୍ଯ୍ୟନ୍ତ ଛାଡ଼ିନଥିଲା। ମୃତ୍ୟୁ ପରେ ତାଙ୍କ ଚରିତ୍ର ଚିତ୍ରଣକୁ ନେଇ ଚାଲିଥିବା କାଦୁଅ ଫିଙ୍ଗା ରାଜନୀତି ଭିତରେ ଜଣେ ପ୍ରତିଭାବାନ୍ କଳାକାରର ସମ୍ମାନ କେଉଁଠି ହଜିଯାଉଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ହୁଏତ ସମୟ ସହ ବିବାଦ ଥମିଯିବ, କିନ୍ତୁ ହ୍ୟୁମାନ ସାଗରଙ୍କ ସେହି ଦରଦ ଭରା କଣ୍ଠସ୍ୱର ଚିରକାଳ ଓଡ଼ିଆଙ୍କ କାନରେ ଗୁଞ୍ଜରିତ ହେଉଥିବ।

## ମୁକ୍ତିଲାଭ କଲା "ଲଢ଼େଇ'

# ୫୨ ହଲ, ୧୫୦ରୁ ଉର୍ଦ୍ଧ୍ୱ ଶୋ, ଆଇନକ୍ସରେ ସ୍ପେଶାଲ ସ୍କ୍ରିନିଙ୍ଗ

**ଭୁବନେଶ୍ୱର :** ବହୁ ପ୍ରତିକ୍ଷିତ ଓଡ଼ିଆ ସିନେମା "ଲଢ଼େଇ: ଏ ଫାଇଟ୍ ଟିଲ୍ ଡେଥ୍" ର ପ୍ରିମିୟର ସୋ ଭୁବନେଶ୍ୱରସ୍ଥିତ ମହାରାଜା ହଲରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚଳଚ୍ଚିତ୍ର ସହ ସମ୍ପୃକ୍ତ କଳାକାର ଟେକନିସିଆନ ଓ ଇଣ୍ଡଷ୍ଟ୍ରି ସହିତ ଜଡିତ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ତା ସହିତ ଆଇନକ୍ସରେ କେବଳ ସାମ୍ବାଦିକ ବନ୍ଧୁଙ୍କ ପାଇଁ ସ୍ପେଶାଲ ସ୍କ୍ରିନିଂ ଅନୁଷ୍ଠିତ ହୋଇ ଯାଇଛି। ଖଚାଖଚ ଭିଡ ଭିତରେ ପ୍ରଶଂସକ ମାନେ ନାୟକ ଲୋହିତାକ୍ଷ ଙ୍କୁ ସ୍ୱାଗତ କରିଥିଲେ। ଡିଆରଏସ ଏଣ୍ଟରପ୍ରାଇଜେସ ବ୍ୟାନରରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରଟିକୁ ଓଡ଼ିଆ ସିନେମାର ଭେଟେରାନ୍ ନିର୍ଦ୍ଦେଶକ ଅଶୋକ ପତି ନିର୍ଦ୍ଦେଶନା ଦେଇଛନ୍ତି ।

ଆକ୍ସନ୍, ଡ୍ରାମା, ଥ୍ରିଲର୍ ଓ ରୋମାନ୍ସର ସମନ୍ୱୟରେ ଗଢ଼ିଉଠିଥିବା "ଲଢ଼େଇ" ଦର୍ଶକଙ୍କପାଇଁଏକଫୁଲ୍ଏଣ୍ଟରଟେନମେଣ୍ଟ ପ୍ୟାକେଜ୍ ଭାବେ ପ୍ରସ୍ତୁତ । ଏହି ଚଳଚ୍ଚିତ୍ର ମାଧ୍ୟମରେ ନବାଗତ ନାୟକ ଭାବେ ଲୋହିତାକ୍ଷ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ପାଦ ଥାପିଛନ୍ତି। ତାଙ୍କର ଜବରଦସ୍ତ ହଟ୍ ଲୁକ୍ ଓ ଷ୍ଟାଇଲିସ୍ ଅନ୍ଦାଜ ସିନେମାର ଆକର୍ଷଣକୁ ଆହୁରି ବଢ଼ାଇଛି । ଲୋହିତାକ୍ଷଙ୍କ ବିପକ୍ଷରେ ନାୟିକା ଭାବେ ନବାଗତା ଅଭିଲିପ୍ସା ନଜର ଆସିବେ। ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜନା ଓ ପ୍ରାଜିଳ କୁମାରୀ ପଟ୍ଟନାୟକଙ୍କ ସହ-ପ୍ରଯୋଜନାରେ ତିଆରି ହୋଇଥିବା "ଲଢ଼େଇ" ଏକ ବଳିଷ୍ଠ, ମୌଳିକ ଓ ଭିନ୍ନ ଧରଣର କଥାବସ୍ତୁ ଉପରେ ଆଧାରିତ । ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା । ଚଳଚ୍ଚିତ୍ରର ଗୀତଗୁଡ଼ିକୁ ନିର୍ମଳ ନାୟକ, ବାପୁ ଗୋସ୍ୱାମୀ ଓ ଜେ.ପି. ୱାର୍ଡସ୍ମିଥ ରଚନା କରିଥିବା ବେଳେ ଆଗଧାଡ଼ିର କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ସ୍ୱୟଂ ପ୍ରଭାସ ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଓ ସୋମେଶ ଶତପଥୀ ସ୍ୱର ଦେଇଛନ୍ତି । ଏଥିରେ ସ୍ଥାନିତ କାଞ୍ଚି ତୋରାଣି ଗୀତ ସମସ୍ତଙ୍କ ମନ ଜିଣିଥିବା ବେଳେ ୱାନ ମିଲିୟନ ଭିଉ ଅତିକ୍ରମ କରି ସାରିଛି ଓ ଏବେବି ଟ୍ରେଣ୍ଡିଙ୍ଗରେ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, "ଲଢ଼େଇ" ସାରା ଓଡ଼ିଶାରେ ପ୍ରାୟ ୫୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରୁଥିବା ବେଳେ ରାଜ୍ୟ ବାହାରେ ମଧ ଏହା ରିଲିଜ୍ ହେଉଛି । ୨୦୨୫ର ଶେଷ ଦିନେମା ଏବଂ ୨୦୨୬ ନୂତନ ବର୍ଷର ପ୍ରଥମ ଓଡ଼ିଆ ସିନେମା ଭାବେ "ଲଢ଼େଇ" ବକ୍ସ ଅଫିସରେ ବାଜିମାତ କରିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ପ୍ରକାଶ କରିଛି ।



# ଆଇନ ଜାଲରେ 'ଆରାବଳୀ'

**ନୂଆଦିଲ୍ଲୀରୁ ଶୁଭ୍ରା ପଣ୍ଡାଙ୍କ ରିପୋର୍ଟ**

ବିଗତ କିଛି ଦିନ ଧରି ଦେଶରେ ଆରାବଳୀ ପର୍ବତମାଳାକୁ ନେଇ ବିବାଦ ଦେଖାଦେଇଛି। ଏହାକୁ ନେଇ ରାଜସ୍ଥାନ, ହରିଆଣା ତଥା ଦିଲ୍ଲୀରେ 'ଆରାବଳୀ ବଞ୍ଚାଅ' ଆନ୍ଦୋଳନ ମୁଣ୍ଡ ଟେକିଛି। ଡିଜିଟାଲ ଯୁଗରେ #SaveAravali ମଧ୍ୟ ଟ୍ରେଣ୍ଡ କରୁଥିବା ଦେଖିବାକୁ ମିଳିଛି। କଣ ଏହି ଆରାବଳୀ ବିବାଦ ? ହଟାତ କାହିଁକି ମୁଣ୍ଡ ଟେକିଲା ଏହି ଆନ୍ଦୋଳନ ? ଏ ପ୍ରସଙ୍ଗ ମଧକୁ ଯିବା ପୂର୍ବରୁ ଆମକୁ ମୋଟାମୋଟି ବୁଝିବାକୁ ହେବ ଏହି ଆରବଳୀ ପର୍ବତକୁ... ଆରାବଳୀ ପର୍ବତମାଳା ଆରାବଳୀ ପର୍ବତମାଳା (ଅରାବଲ୍ଲୀ ମଧ କୁହାଯାଏ) ଉତ୍ତର-ପଶ୍ଚିମ ଭାରତରେ ଅବସ୍ଥିତ ଏକ ପର୍ବତମାଳା ଆରାବଲ୍ଲୀ ସଂସ୍କୃତ ଶବ୍ଦ "ଅର୍ବୁଦାବଳୀ" ରୁ ଆସିଛି। ରାଜସ୍ଥାନ ଇତିହାସରେ ଏହାକୁ ଆଦବଲ ଭାବରେ ଜଣାଶୁଣା। କୁହାଯାଏ ଏହା ହିମାଳୟ ଠାରୁ ମଧ ବହୁ ପୁରୁଣା। ସଠିକ ବୟସ ଭୂ-ତତ୍ତ୍ୱବିତ ମଧ ଆଜି ପର୍ଯ୍ୟନ୍ତ ଦେଇପାରିନାହାନ୍ତି। କିନ୍ତୁ ଭୂ-ତତ୍ତ୍ୱବିତଙ୍କ ଅନୁସାରେ ଏହା ପ୍ରାୟ 1.୪ ରୁ 2 ବିଲିୟନ ବର୍ଷ ହେବ ବୋଲି ଅନୁମାନ କରାଯାଏ। ଏହା ଦକ୍ଷିଣ-ପଶ୍ଚିମ ଦିଗରେ ପ୍ରାୟ ୬୭0 କିଲୋମିଟର (୪୨0 ମାଇଲ) ପର୍ଯ୍ୟନ୍ତ ବିସ୍ତାରିତ। ଏହି ପର୍ବତମାଳା ଦେଶର ୪ଟି ରାଜ୍ୟର ୩୭ଟି ଜିଲ୍ଲାରେ ପରିବ୍ୟାପ୍ତ। ଗୁଜୁରାଟର ସୀମାରୁ ଆରମ୍ଭ ହୋଇ ହରିଆଣା, ରାଜସ୍ଥାନ ଓ ଦିଲ୍ଲୀରେ ଶେଷ ହୋଇଛି। ଏହାର ସର୍ବୋଚ୍ଚ ଶିଖର ହେଉଛି ରାଜସ୍ଥାନରେ ଥିବା ଗୁରୁ ଶିଖର, ଯାହା ରାଜସ୍ଥାନର ମାଉଣ୍ଟ ଆବୁରେ ୧୭୨୨ (୫୬୫0 ଫୁଟ) ଉଚ୍ଚତାରେ ଅବସ୍ଥିତ। ଆରାବଳୀ ପର୍ବତରେ ରହିଥିବା ଖଣିଜ ଆରାବଳୀ ପର୍ବତମାଳାରେ ଖଣିଜ ପଦାର୍ଥ ଭରପୂର ରହିଛି। ଏଥିରେ ତମ୍ବା, ଦସ୍ତା, ସୀସା ଏବଂ ରୂପାର ଯଥେଷ୍ଟ ପରିମାଣର ଗଚ୍ଛିତ ଅଛି। ପ୍ରଚୁର ପରିମାଣରେ ମାର୍ବଲ, ମକରାନା ମାର୍ବଲ (ତାଜମହଲ ନିର୍ମାଣ ପାଇଁ ବ୍ୟବହୃତ ଧଳା ମାର୍ବଲ), ଗ୍ରାନାଇଟ୍, ଚୂନପଥର, ବାଲିପଥର, ଅଭ୍ର ଏବଂ ଜିପସମ ରହିଛି। ରାଜସ୍ଥାନ ବେଲ୍ଟରେ ସବୁଠାରୁ ବଡ଼ ଖଣିଜ ସଂରକ୍ଷଣ ଅଛି ଆରାବଲ୍ଲୀ ପର୍ବତମାଳାର ପର୍ବତମାଳାର ଗୁଜୁରାଟରୁ ରାଜସ୍ଥାନ ଦେଇ ହରିୟାଣା ଏବଂ ଦିଲ୍ଲୀ ପର୍ଯ୍ୟନ୍ତ ବିସ୍ତାରିତ। ଏହି ପର୍ବତମାଳାର ସର୍ବବୃହତ ଖଣିଜ ସଂରକ୍ଷଣ ରାଜସ୍ଥାନ ବେଲ୍ଟରେ ଅବସ୍ଥିତ। ମୂଳ ଧାତୁଗୁଡ଼ିକରେ ତମ୍ବା, ଦସ୍ତା, ସୀସା ଏବଂ ରୂପା (ରାଜସ୍ଥାନର କ୍ଷେତ୍ରୀ ଏବଂ ଜାୱାର ଅଞ୍ଚଳରେ) ଅନ୍ତର୍ଭୁକ୍ତ। ମାର୍ବଲ ଖଣି: ମାର୍ବଲ, ଧଳା ମାର୍ବଲ (ମକରାଣା ମାର୍ବଲ), ଗ୍ରାନାଇଟ୍, ବାଲିପଥର, କ୍ୱାର୍ଟଜ୍ ଏବଂ ଡୋଲୋମାଇଟ୍ (ନାଗୌର ଜିଲ୍ଲାରେ ଅବସ୍ଥିତ)। ଶିଳ୍ପ ଖଣିଜ ପଦାର୍ଥ: ଚୂନାପଥର, ଅଭ୍ର, ଜିପସମ୍, ଟାଲ୍କ, ପଥର ଫସଫେଟ୍ ଏବଂ ପାଇରୋଫାଇଲାଇଟ୍। ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ (ସମ୍ଭାବ୍ୟ): ଟିନ୍, ଲିଥିୟମ୍, ଗ୍ରାଫାଇଟ୍, ମୋଲିବଡେନମ୍, ନିଓବିୟମ୍, ନିକେଲ ଏବଂ ବିରଳ ପୃଥିବୀ ଉପାଦାନ (REEs) ମଧ ଆରାବଲ୍ଲୀ ପର୍ବତମାଳାରେ ମିଳିଥାଏ।

ଆରାବଳୀ ବିବାଦ ମୋଟାମୋଟି ଭାବେ ଆରାବଳୀ ପାର୍ବତମାଳା ସମ୍ପର୍କରେ ସୂଚନା ପ୍ରଦାନ କରିବାକୁ ପ୍ରୟାସ କରିଛୁ। ଏବେ ଆସିବା ବିବାଦ ମଧକୁ। କାହିଁକି ଏ ବିବାଦ ଓ ଏବେ କାହିଁକି ଏହା ଅଧିକ ଉଗ୍ର ରୂପ ନେବାରେ ଲାଗିଛି। ରାଜସ୍ଥାନ ପାହାଡ଼ (ଆରାବଳୀ) ରାଜନୈତିକ ଯୁଦ୍ଧକ୍ଷେତ୍ର ପାଲଟିଛି। ଏହାର ପରିଭାଷାକୁ ନେଇ ଏକ ଭୟଙ୍କର ବିବାଦ ଦେଖାଦେଇଛି। ଏହି ସ୍ୱତନ୍ତ୍ର ରିପୋର୍ଟରେ ଗୋଟିଏ ଶବ୍ଦ କିପରି ଆରାବଳୀ ରିପୋର୍ଟର ବିଷୟବସ୍ତୁକୁ ପରିବର୍ତ୍ତନ କରିଦେଇଛି ତାହା ଜାଣିବାକୁ ପ୍ରୟାସ କରିବା...

ଏଠାରେ ଜଣାଇଦେବାକୁ ଚାହୁଁ ଯେ ସୁପ୍ରିମକୋର୍ଟଙ୍କ '୧00 ମିଟର' ମନ୍ତବ୍ୟ ପରେ ଏହି ପ୍ରସଙ୍ଗ ଏବେ ଅଧିକମାତ୍ରାରେ ଉଗ୍ର ରୂପ ନେଇଛି। ୨0୧0 ଏବଂ ୨0୨୫ ମଧରେ ୧00 ମିଟର ମାର୍କରେ ଏପରି କ'ଣ ପରିବର୍ତ୍ତନ ଆସିଥିଲା ଯାହା ଏତେ ବଡ଼ ବିବାଦ ସୃଷ୍ଟି କରିଛି? ସମଗ୍ର କାହାଣୀ ଏହି ଦୁଇଟି ରିପୋର୍ଟରେ ପରିବର୍ତ୍ତନ ହୋଇଥିବା ଗୋଟିଏ ଶବ୍ଦ ଚାରିପାଖରେ ଘୂରି ବୁଲୁଛି। ୨00୮ GSI ରିପୋର୍ଟରେ "ପଲିଗନ ଲାଇନ" ଶବ୍ଦ ବ୍ୟବହାର କରାଯାଇଥିଲା। ୨0୨୫ ରିପୋର୍ଟରେ ଏହାକୁ "କଣ୍ଟୁର" ଭାବରେ ପରିବର୍ତ୍ତନ କରାଯାଇଥିଲା।

ଆଉ ଟିକେ ଇତିହାସକୁ ଯଦି ଆମେ ଦେଖିବା, ୧୯୯0 ମସିହା ପର୍ଯ୍ୟନ୍ତ ଆରାବଳୀ ପାହାଡ଼ଗୁଡ଼ିକ ମୁଖ୍ୟତଃ ସୁରକ୍ଷିତ ଥିଲା। ଏହାପରେ ଜଙ୍ଗଲ ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟକଳାପ ଆରମ୍ଭ ହୋଇଥିଲା। ୨000 ରୁ ୨00୪ ମଧରେ ବ୍ୟାପକ ଅବୈଧ ଖଣି ଆରାବଳୀ ପର୍ବତମାଳାରେ ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯାହା ପାହାଡ଼ର ସୌନ୍ଦର୍ଯ୍ୟକୁ ନଷ୍ଟ କରିଦେଇଥିଲା।

୨00୮ ରିପୋର୍ଟ ଅନୁସାରେ ପଲିଗନ ଲାଇନ: ଏହି ଗୋଟିଏ ଶବ୍ଦ ରିପୋର୍ଟର ସମ୍ପୂର୍ଣ୍ଣ ବିଷୟବସ୍ତୁକୁ ବଦଳାଇ ଦେଇଛି। ଏହି ଦୁଇଟି ଶବ୍ଦର ବୈଷୟିକ ଅର୍ଥ ବ୍ୟାଖ୍ୟା କରି, GSIର ପୂର୍ବତନ ମହାନିର୍ଦ୍ଦେଶକ ଦିନେଶ ଗୁପ୍ତା କହିଛନ୍ତି ଯେ ତାଙ୍କ ସମୟରେ ଉପସ୍ଥାପିତ ରିପୋର୍ଟରେ, ୧00 ମିଟର କିମ୍ବା ଉଚ୍ଚ ଦୁଇଟି ପାହାଡ଼ ମଧରେ ୧00 ମିଟରରୁ କମ୍ ଏକ ପାହାଡ଼କୁ ପଲିଗନ କୁହାଯାଇଥିଲା। ଏହାର ଅର୍ଥ ହେଉଛି ଯେ ମଧରେ ଥିବା ଛୋଟ ପାହାଡ଼କୁ ମଧ ସେହି ଉଚ୍ଚ ଢାଞ୍ଚାର ଅଂଶ ଭାବରେ ବିବେଚନା କରାଯିବ ଏବଂ ୧00 ମିଟର ବ୍ୟାସାର୍ଦ୍ଧ ମଧରେ ବିବେଚନା କରାଯିବ। ଉଦାହରଣ ସ୍ୱରୂପ, ଯଦି ମାଲବ୍ୟ ନଗରରୁ ଏକ ରେଖା ଟଣାଯାଏ ଏବଂ ଯେତେବେଳେ ଏହା ଝଲାନାରେ ପହଞ୍ଚିଥାଏ, ପାହାଡ଼ଟି ୧00 ମିଟର କିମ୍ବା ଅଧିକ ଉଚ୍ଚ ହୋଇଯାଏ, ତେବେ ଝଲାନାରୁ ମାଲବ୍ୟ ନଗର ପର୍ଯ୍ୟନ୍ତ ସବୁକିଛି ଗୋଟିଏ ବହୁଭୂଜ ଅଧୀନରେ ଆସିଯାଏ, ସେଥିରେ ଖଣି ଖନନ ସମ୍ଭବ ନଥିଲା।

୨0୨୫ରେ ଏହି ସର୍ତ୍ତକୁ ଏବେ ହଟାଇ ଦିଆଯାଇଛି। "କଣ୍ଟୁର" ଶବ୍ଦକୁ "ପଲିଗନ" ପରିବର୍ତ୍ତେ ବଦଳାଯାଇଛି। ଜଙ୍ଗଲ, ସଂରକ୍ଷିତ ଜଙ୍ଗଲ, ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ 100 ମିଟର କଣ୍ଟୁର ମଧରେ ଖଣି ଖନନ ଆଉ ଅନୁମତି ଦିଆଯିବ ନାହିଁ। ବର୍ତ୍ତମାନ କଣ୍ଟୁର ମଧରେ ଖଣି ଖନନକୁ ଅନୁମତି ଦିଆଯିବ। କଣ୍ଟୁର ଅର୍ଥ ହେଉଛି ସମାନ ଉଚ୍ଚତାର ରେଖା ଯୋଡିବା। ଉଦାହରଣ ସ୍ୱରୂପ, ଯଦି ମାଲବ୍ୟ ନଗର ନିକଟରେ ପାହାଡ଼ ସମୁଦ୍ର ପତ୍ତନରୁ 50 ରୁ 60 ମିଟର ଉଚ୍ଚରେ ଥାଏ, ତେବେ ବିଦ୍ୟାଧର ନଗର 100 ମିଟର ଉଚ୍ଚରେ ଥାଏ। ତେଣୁ ବିଦ୍ୟାଧର ନଗରକୁ ବାଦ ଦିଆଯିବ ଏବଂ ମାଲବ୍ୟ-ତିଲକ ନଗରରେ ଖଣି ଖନନକୁ ଅନୁମତି ଦିଆଯିବ।

ଏଠାରେ କହି ରଖୁ କି ସୁପ୍ରିମକୋର୍ଟ ଆରାବଳୀ ପର୍ବତମାଳାର ଏକ ନୂତନ ଆଧିକାରିକ ପରିଭାଷାକୁ ଅନୁମୋଦନ କରିଛନ୍ତି। ଏହା ଏକ ନିଷ୍ପତ୍ତି ଯାହା ବିଶ୍ୱର ସବୁଠାରୁ ପୁରୁଣା ପର୍ବତମାଳାର ଆଇନଗତ ସୁରକ୍ଷାକୁ ଏକ ରୂପରେଖ ପ୍ରଦାନ କରିପାରିବ। ଏକ ରିପୋର୍ଟ ଅନୁଯାୟୀ ନଭେମ୍ବର ୨0 ତାରିଖରେ ଏକ ଖଣ୍ଡପୀଠ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ଏକ କମିଟି ଦ୍ୱାରା ଦାଖଲ କରାଯାଇଥିବା ସୁପାରିଶଗୁଡ଼ିକୁ ଗ୍ରହଣ କରିଥିଲେ ଯାହା ଉତ୍ତର-ପଶ୍ଚିମ ଭାରତରେ ୬୯୨ କିଲୋମିଟର ସୀମାକୁ କିପରି ସ୍ପଷ୍ଟ ଭାବେ ବୁଝାଯାଇପାରିବ ତାହା ମାନକୀକରଣ କରିବାକୁ ଚେଷ୍ଟା କରିଥିଲା।

ଇଣ୍ଡିଆନ୍ ଏକ୍ସପ୍ରେସର ରିପୋର୍ଟକୁ ଅନୁସାରେ କୋର୍ଟରେ ଯୁକ୍ତି କରାଯାଇଥିଲା ଯେ ଏକ ଆଭ୍ୟନ୍ତରୀଣ ବନ ସର୍ବେକ୍ଷଣ (FSI) ମୂଲ୍ୟାଙ୍କନରୁ ଜଣାପଡିଛି ଯେ 12,0୪1 ମ୍ୟାପ୍ ହୋଇଥିବା ପାହାଡ଼ ମଧ୍ୟରୁ କେବଳ ୧0୪୮ (କେବଳ ୪.7%) 100 ମିଟର ମାନଦଣ୍ଡ ପୂରଣ କରିଛି। ଏହାର ଅର୍ଥ ହୋଇପାରେ ଯେ ସାଧାରଣତଃ ଆରାବଳୀ ପର୍ବତମାଳାର ପ୍ରାୟ ୯0 ପ୍ରତିଶତ ଆଇନଗତ ସୁରକ୍ଷା ହରାଇପାରେ। ଏବଂ ଖନନ ପାଇଁ ଅନୁମତି ମିଳିପାରେ। ସେପଟେ ଏହି ପର୍ବତମାଳାରେ ପୂର୍ବରୁ ଖନନ କାର୍ଯ୍ୟ ଜାରି ରହିଛି। ଯେଉଁ କାରଣରୁ ୧୯୭୫ ମସିହା ସୁଦ୍ଧା ପର୍ବତମାଳାରେ ୮ ପ୍ରତିଶତ ଖନନ କାର୍ଯ୍ୟଦ୍ୱାରା ପାହାଡ଼ ନଷ୍ଟ ହୋଇଥିବା ବେଳେ ୨0୫୯ ସୁଦ୍ଧା ପ୍ରାୟ ୨୨ ପ୍ରତିଶତ ଏମିତି ବି ନଷ୍ଟ ହୋଇଯିବ। ତେବେ ୨00୨ ମସିହା ଠାରୁ ଏଠାରେ ଖଣି ଖନନ ଉପରେ ବ୍ୟାନ ଲାଗିଥିଲେ ମଧ ତଥ୍ୟକୁ ଯଦି ଦେଖାଯାଏ ତେବେ ୨0୧୯ ସୁଦ୍ଧା ପ୍ରାୟ ୮ ପ୍ରତିଶତ ଆରାବଳୀ ପର୍ବତକୁ କାଟି ନଷ୍ଟ କରିଦେଇଛନ୍ତି ଖଣି ମାଫିଆ ମାନେ।

ବୈଜ୍ଞାନିକ ଚେତାବନୀ ଦେଇ କହିଛନ୍ତି ଯେ ଆରାବଳୀର ଆଇନଗତ ଭାବରେ ସ୍ୱୀକୃତିପ୍ରାପ୍ତ ପର୍ବତର ପାଦଦେଶ ହ୍ରାସ ପାଇଲେ ବାୟୁମଣ୍ଡଳ ଅସ୍ଥିରତା ଦେଖିବାକୁ ମିଳିବ। ବାୟୁମଣ୍ଡଳରେ ସନ୍ତୁଳନ ରକ୍ଷା କରିବାରେ ଛୋଟ ପାହାଡ଼, ଏହା ସହିତ ସଲଗ୍ନ ପର୍ବତମାଳା ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଆନ୍ତି। ପର୍ବତମାଳାରେ ଥିବା ୨୨ଟି ଅଭୟାରଣ୍ୟ, ୪ଟି ବ୍ୟାଘ୍ର ସଂରକ୍ଷଣ ଥିବା ଚିତାବାଘ, ହୁଇନା ଏବଂ ପକ୍ଷୀ ପ୍ରଜାତି ଉପରେ ପ୍ରଭାବ ପକାଇବ। ସନ୍ତୁଳନ ରକ୍ଷା କରିବାରେ ସଂକଟ ଦେଖାଦେବ। ଭୂତଳ ଜଳର ସ୍ତରରେ ମଧ ସନ୍ତୁଳନ ରକ୍ଷା କରିପାରିବ ନାହିଁ। ଫଳରେ ଜଳସ୍ତର ହ୍ରାସ ପାଇବା ସମ୍ଭାବନା ରହିଛି।କୃଷି କ୍ଷେତ୍ରକୁ ପ୍ରଭାବିତ କରୁଛି। ସରୀସୃପ ଏବଂ ପଶୁପକ୍ଷୀଙ୍କ ଖାଦ୍ୟର ସାହାରା ପାଲଟିଥିବା ଘାସ ଜଙ୍ଗଲ ଏବଂ ଦେଶୀ ଗଛ ହ୍ରାସ ପାଇଯିବ। ଧୂଳି ଏବଂ ଉତ୍ତାପ ଯୋଗୁଁ ଜାତୀୟ ରାଜଧାନୀ ଅଞ୍ଚଳରେ ବାୟୁ ଗୁଣବତ୍ତା ହ୍ରାସ ପାଇବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି।



# ପ୍ରଥମ ପୃଷ୍ଠାରୁ ...

## ଆଶା ଆକାଶଛୁଆଁ...

ଏଭଳି ଜଘନ୍ୟ ଅପରାଧ ପଛରେ ମୁଖ୍ୟ କାରଣ ହେଉଛି ଅବାଧ ନିଶା କାରବାର, ଅଶ୍ଳୀଳ ଇଣ୍ଟରନେଟ୍ ବିଷୟବସ୍ତୁ ଏବଂ ସାମାଜିକ ମୂଲ୍ୟବୋଧର ଅବକ୍ଷୟ । ଯେପର୍ଯ୍ୟନ୍ତ ଗାଁ ଗହଳିରେ ମଦ ଓ ଡ୍ରଗ୍ସର ଚେର କଟା ନ ଯାଇଛି, ସେପର୍ଯ୍ୟନ୍ତ କେବଳ ମହମବତୀ ଜାଳିଲେ ସୁରକ୍ଷା ମିଳିବ ନାହିଁ । ଘଟଣାକୁ ଭୁଲିଯିବା ବଦଳରେ ସ୍ଥାନୀୟ ଯୁବଗୋଷ୍ଠୀ ଏବଂ ନାଗରିକ ମଞ୍ଚ 'କମ୍ୟୁନିଟି ପୋଲିସିଂ' ବ୍ୟବସ୍ଥା କରିବା ଦରକାର । ନେତାମାନେ କେବଳ କ୍ଷତିପୂରଣ ଘୋଷଣା ନ କରି ନିଶାମୁକ୍ତ ଅଞ୍ଚଳ ଘୋଷଣା କରିବା ଦିଗରେ କାମ କରିବା ଉଚିତ । କିନ୍ତୁ ତାହା ଦେଖାଯାଉ ନାହିଁ ।

ସୂଚନା ଥାଉ କି, ଗତ ଡିସେମ୍ବର ୨୩ ଦିନ, ଚାନ୍ଦବାଲି ଥାନା ଅନ୍ତର୍ଗତ ବାଲିଗାଁରେ ଜଣେ ୧୦ ବର୍ଷର ତୃତୀୟ ଶ୍ରେଣୀ ଛାତ୍ରୀ ନିଖୋଜ ହୋଇଯାଇଥିଲେ। ସେହି ଦିନ ସନ୍ଧ୍ୟାରେ ଘର ନିକଟସ୍ଥ ଏକ ବୁଦା ମୂଳରୁ ତାଙ୍କର ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା ଯେ ନାବାଳିକାଙ୍କୁ ଦୁଷ୍କର୍ମ ପରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ପୋଲିସ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଜଗତସିଂହପୁର ଅଞ୍ଚଳରୁ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତ ଜଣକ ନିଶାସକ୍ତ ଅବସ୍ଥାରେ ଏଭଳି ଜଘନ୍ୟ କାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି। ତେବେ ଗିରଫ ପରେ ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତର ଘର ଭାଙ୍ଗିରୁଜି ଦେଇଥିଲେ। ରାଜ୍ୟ ଡିଜିପି ୱାଇ.ବି ଖୁରାନିଆ ଏହି ଘଟଣାକୁ 'ରେଡ୍ ଫ୍ଲାଗ୍' କେସ୍ ଭାବେ ଘୋଷଣା କରିଛନ୍ତି। ଏହାର ଅର୍ଥ ହେଉଛି ମାମଲାର ତଦନ୍ତ ସର୍ବୋଚ୍ଚ ପ୍ରାଥମିକତା ଭିତ୍ତିରେ ହେବ। ଆସନ୍ତା ୩୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି କ୍ରାଇମବ୍ରାଞ୍ଚର ଏକ ସ୍ୱତନ୍ତ୍ର ଟିମ୍ ଏବଂ ଫୋରେନସିକ୍ ଟିମ୍ ଘଟଣାସ୍ଥଳରେ ତନ୍ନ ତନ୍ନ କରି ଯାଞ୍ଚ କରୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୀଡ଼ିତାଙ୍କ ପରିବାର ପାଇଁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ଏବଂ ଦୋଷୀକୁ କଠୋରରୁ କଠୋର ଦଣ୍ଡ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଘଟଣାକୁ ନେଇ ଚାନ୍ଦବାଲିରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ବିଜେଡି ଓ କଂଗ୍ରେସ ପକ୍ଷରୁ ଚାନ୍ଦବାଲି ବନ୍ଦ ଡାକରା ଦିଆଯାଇଥିଲା। ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ଅଞ୍ଚଳରେ ବେଆଇନ ମଦ ଓ ନିଶା କାରବାର ବୃଦ୍ଧି ପାଇବା ଯୋଗୁଁ ଏଭଳି ଅପରାଧ ଘଟୁଛି। ନିକଟରେ କଂଗ୍ରେସ ମୁଖ୍ୟ ଭକ୍ତ ଦାସ ପୀଡ଼ିତାଙ୍କ ପରିବାରକୁ ଭେଟି ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଛନ୍ତ । ଅଞ୍ଚଳରେ ବେଆଇନ ମଦ ଭାଟି ଉଚ୍ଛେଦ ପାଇଁ ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ଆରମ୍ଭ ହୋଇଛି। ଏହି ମାମଲାଟି ବିରଳରୁ ଅତି ବିରଳ ଶ୍ରେଣୀ ଆଡକୁ ଗତି କରୁଛି। ଲାଗୁ ହୋଇଥିବା ପ୍ରମୁଖ ଦଫା ଗୁଡ଼ିକ ହେଉଛି , ହତ୍ୟା ଦଫା ୧୦୩ (୧) ( ମୃତ୍ୟୁଦଣ୍ଡ କିମ୍ବା ଆଜୀବନ କାରାଦଣ୍ଡ), ନାବାଳିକା ଦୁଷ୍କର୍ମ (୧୨ ବର୍ଷରୁ କମ୍) ଦଫା ୬୫ (୨) ମୃତ୍ୟୁଦଣ୍ଡ କିମ୍ବା ସଶ୍ରମ ଆଜୀବନ କାରାଦଣ୍ଡ (ମୃତ୍ୟୁ ପର୍ଯ୍ୟନ୍ତ), ପ୍ରମାଣ ନଷ୍ଟ ଦଫା ୨୩୮ କାରାଦଣ୍ଡ ଓ ଜରିମାନା, ଅପହରଣ ଦଫା ୧୩୭ (୨) କାରାଦଣ୍ଡ । ଏହା ବ୍ୟତୀତ ପୋକ୍ସୋ ଆକ୍ଟର ସେକ୍ସନ୍ ୬ ଲାଗୁ ହେବ, ଯାହା 'ଗୁରୁତର ଯୌନ ନିର୍ଯାତନା' ପାଇଁ ଉଦ୍ଦିଷ୍ଟ। ଏଥିରେ ମଧ୍ୟ ସର୍ବନିମ୍ନ ୨୦ ବର୍ଷ ଜେଲରୁ ଆରମ୍ଭ କରି ଫାଶୀ ଦଣ୍ଡର ବ୍ୟବସ୍ଥା ରହିଛି। ଓଡ଼ିଶା ପୋଲିସର ନିୟମାବଳୀ ଅନୁଯାୟୀ, ଯେତେବେଳେ କୌଣସି ମାମଲାକୁ 'ରେଡ୍ ଫ୍ଲାଗ୍' ଘୋଷଣା କରାଯାଏ, ତାହାର ଅର୍ଥ ହେଲା, ସ୍ଥାନୀୟ ଏସପି ଏବଂ ରେଞ୍ଜ ଆଇଜି (IG/DIG) ବ୍ୟକ୍ତିଗତ ଭାବେ ତଦନ୍ତର ଦୈନିକ ଅଗ୍ରଗତି ତଦାରଖ କରିବେ। ସାଧାରଣ ମାମଲା ଭଳି ଏହା ବର୍ଷ ବର୍ଷ ଧରି ଗଡ଼ିବ ନାହିଁ। ତଦନ୍ତକାରୀ ଅଧିକାରୀଙ୍କୁ ୩୦ରୁ ୬୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାକୁ ପଡ଼ିବ। ଏହା ବ୍ୟତୀତ କେବଳ ପାରିପାର୍ଶ୍ୱିକ ସାକ୍ଷ୍ୟ ନୁହେଁ, ବରଂ ଡିଏନଏ ଟେଷ୍ଟ, ପୋଷ୍ଟମର୍ଟମ ରିପୋର୍ଟ ଏବଂ ଫୋରେନସିକ୍ ରିପୋର୍ଟକୁ ଗୁରୁତ୍ୱ ଦିଆଯିବ ଯାହା କୋର୍ଟରେ ଅକାଟ୍ୟ ପ୍ରମାଣ ସାଜିବ। ଏହି ମାମଲା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ କିମ୍ବା ଫାଷ୍ଟ ଟ୍ରାକ୍ କୋର୍ଟରେ ଚାଲିବ । ନୂତନ 'ଭାରତୀୟ ନାଗରିକ ସୁରକ୍ଷା ସଂହିତା' ଅନୁଯାୟୀ, ଏଭଳି ସମ୍ବେଦନଶୀଳ ମାମଲାରେ ଶୁଣାଣି ଦ୍ରୁତ ଗତିରେ ହେବ । ପୋଲିସ ଚାର୍ଜସିଟ୍ ଦେବାର ଖୁବ୍ କମ୍ ଦିନ ମଧ୍ୟରେ 'ଚାର୍ଜ ଫ୍ରେମ୍' ହୋଇ ବିଚାର ଆରମ୍ଭ ହେବ । ଯେହେତୁ ପୀଡ଼ିତାଙ୍କ ବୟସ ୧୨ ବର୍ଷରୁ କମ୍ ଏବଂ ତାଙ୍କୁ ହତ୍ୟା କରାଯାଇଛି, ଆଇନ ଅନୁଯାୟୀ ଦୋଷୀ ପାଇଁ ମୃତ୍ୟୁଦଣ୍ଡ ହେଉଛି ସ୍ୱାଭାବିକ ଦାବି ଏବଂ ଆଇନଗତ ପ୍ରାବଧାନ। ନିକଟ ଅତୀତରେ କଟକ ଓ ନୟାଗଡ଼ର ଅନୁରୂପ ଘଟଣାରେ ଅଦାଲତ ଫାଶୀ ଦଣ୍ଡ ଶୁଣାଇଥିବା ନଜିର ରହିଛ । "ଆଇନର ପରିଭାଷାରେ ଏହା କେବଳ ଏକ ହତ୍ୟା ମାମଲା ନୁହେଁ, ବରଂ ମାନବିକତାର ହତ୍ୟା। ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୩(୧) ଓ ୬୫(୨) ଏବଂ ପୋକ୍ସୋ ଆକ୍ଟର ସମନ୍ୱୟରେ ଅଭିଯୁକ୍ତ ପାଇଁ ଫାଶୀ ଦଉଡ଼ି ପ୍ରସ୍ତୁତ ବୋଲି ଆଇନ ବିଶେଷଜ୍ଞମାନେ ମତ ଦେଉଛନ୍ତି । କିନ୍ତୁ ପ୍ରଶ୍ନ ହେଉଛି, ପୋଲିସ କେତେ ଶୀଘ୍ର ନିର୍ଭୁଲ ଚାର୍ଜସିଟ୍ ଦାଖଲ କରି କୋର୍ଟରେ ଏହାକୁ ପ୍ରମାଣିତ କରୁଛି।"

## ନାଁ କରି ଫୁଲତୋଡା...

ଏଥିପାଇଁ ପୁରା ରାଜ୍ୟରେ ଭଦ୍ରକ ପୋଲିସ ତଥା ଏହାର ମୁଖ୍ୟ ରାଜ୍ୟରେ ନାଁ କମେଇଛନ୍ତି , କିନ୍ତୁ ଏହି ନାଁ ସୁନାମ ନୁହେଁ ଦୁର୍ନାମ । ଏହି ଜଘନ୍ୟ କାଣ୍ଡରେ ପୋଲିସର ସଠିକ ତଦନ୍ତ ପ୍ରକ୍ରିୟା ଏବଂ ଅପରାଧୀଙ୍କୁ ତୁରନ୍ତ ଧରିବାରେ ସଫଳତା ସାଉଁଟି ଥିଲେ ବି ନିଶା କାରବାରକୁ ନେଇ ପୋଲିସ କ୍ଲିନ ଚିଟ ପାଇବାକୁ ଯୋଗ୍ୟ ନୁହେଁ । ଜିଲ୍ଲାରେ ବେଆଇନ ନିଶା କାରବାର ଜନିତ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଏବଂ ଗୋଟିଏ ପରିବାର ନ୍ୟାୟ ପାଇଁ ଚାତକ ଭଳି ଚାହିଁ ବସିଥିବା ବେଳେ, ଏସପିଙ୍କ ଅଫିସରେ ଫୁଲତୋଡ଼ା ଦିଆନିଆ ହେବା ଏକ ଅସମ୍ବେଦନଶୀଳ ଦୃଶ୍ୟ ସୃଷ୍ଟି କରିଥାନ୍ତା । ଚାନ୍ଦବାଲି ଘଟଣାକୁ ନେଇ ଜନସାଧାରଣଙ୍କ ମନରେ ପୋଲିସ ପ୍ରତି ତୀବ୍ର ଅସନ୍ତୋଷ ରହିଛି। ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଏସପି ଫୁଲତୋଡ଼ା ଗ୍ରହଣ କରି ହସଖୁସିରେ ନୂଆ ବର୍ଷ ପାଳନ କରିବା ଚିତ୍ର ପଦାକୁ ଆସିଥିଲେ, ତାହା ନିଆଁରେ ଘିଅ ଢାଳିବା ସଦୃଶ ହୋଇଥାନ୍ତା । ଯେତେବେଳେ ଜିଲ୍ଲା ମୁଖିଆଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠୁଛି, ସେତେବେଳେ ଉତ୍ସବ ପାଳନ କରିବା ପରିବର୍ତ୍ତେ କର୍ତ୍ତବ୍ୟନିଷ୍ଠ ଦେଖାଇବା ପାଇଁ ଏହା ଏକ ରଣନୀତି ବୋଲି କୁହାଯାଉଛି । ଏସପି ନିଜକୁ ଅଧିକ ସମାଲୋଚିତ ନ ହେବା ପାଇଁ ଆଗୁଆ ଏହି ପଦକ୍ଷେପ ନେଇଛନ୍ତି । ଭଦ୍ରକବାସୀଙ୍କ ମତରେ, କେବଳ ଫୁଲତୋଡ଼ା ମନା କରିଦେଲେ ପୋଲିସର ଦାୟିତ୍ୱ ସରିଯାଉନାହିଁ। ଚାନ୍ଦବାଲିର ମୃତ ନାବାଳିକା ସମେତ ଅନେକ ଚପିଯାଉଥିବା ଘଟଣାର ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ଜିଲ୍ଲାରେ ବଢୁଥିବା ନିଶା କାରବାର ଜନିତ ଅପରାଧକୁ ନିୟନ୍ତ୍ରଣ କରିବା ହିଁ ପୋଲିସ ପାଇଁ ପ୍ରକୃତ ସଂକଳ୍ପ ହେବା ଉଚିତ୍।

## କେଉଁଠି ଅଛି କମ୍ୟୁନିଟି ...

ଏସପି ରୂପେ ମନୋଜ ରାଉତଙ୍କ ଯୋଗଦାନ ପରେ ମଧ ଭଦ୍ରକର ଗଳିକନ୍ଦିରେ ବ୍ରାଉନସୁଗାର ଓ ମଦର ବେପାର ଯେ ଆଖିଦୃଶିଆ ଭାବେ କମିଛି ତାହା କେହି ଛାତିରେ ହାତ ରଖି କହି ପାରିବେ କି ? ବେଆଇନ ନିଶା କାରବାର ତ ଏବେ ଗାଁର ଗଳିକନ୍ଦିରେ ବ୍ୟାପକ ହୋଇଛି । କିନ୍ତୁ ପୋଲିସ ଏହାକୁ କେବେ ସ୍ବୀକାର କରିବ ନାହିଁ । ଏହି ନିଶା ହିଁ ଆଜି ଚାନ୍ଦବାଲି ଭଳି ଜଘନ୍ୟ ଅପରାଧର ମୂଳ କାରଣ ସାଜୁଛି। ଯଦି ପୋଲିସ ପ୍ରଶାସନ ସଜାଗ ଥାଆନ୍ତା, ତେବେ ଅପରାଧୀମାନେ ଏତେ ସାହସ କରିପାରି ନଥାନ୍ତେ । କେବଳ ସହର ଭିତରେ କିଛି ଧରପଗଡ଼କୁ ଛାଡ଼ିଦେଲେ ଗ୍ରାମାଞ୍ଚଳରେ ପୋଲିସର ପାଟ୍ରୋଲିଂ ବ୍ୟବସ୍ଥା ଶୂନ୍ । ଚାନ୍ଦବାଲି ଘଟଣା ପ୍ରମାଣିତ କରୁଛି ଯେ ଅପରାଧୀଙ୍କ ମନରେ ପୋଲିସର ଭୟ ନାହିଁ। ଲୋକେ ଆଶା କରିଥିଲେ ଏସପି ମନୋଜ ରାଉତ କିଛି 'ଆଖି ଦୃଶିଆ' ସଂସ୍କାର ଆଣିବେ, କିନ୍ତୁ ବାସ୍ତବରେ ସ୍ଥିତି 'ଯଥା ପୂର୍ବଂ ତଥା ପରଂ' ହୋଇ ରହିଛି । ତେଣୁ କିଛି ଲୋକେ କୁହାକୁହି ହେଉଛନ୍ତି ଆଶା ଆକାଶ ଛୁଆଁ କିନ୍ତୁ ବାସ୍ତବତା ଶୂନ । ମନୋଜ ରାଉତ ଅନ୍ୟ ଅଧିକାରୀଙ୍କ ତୁଳନାରେ ଦକ୍ଷ ନିଶ୍ଚିତ କିନ୍ତୁ ତାହା ଯେ ବିନା ରାଜନୈତିକ ଓ ଅନ୍ୟ ଚାପରେ ପ୍ରକାଶିତ ହୋଇପାରିବ ଏହା ଅସମ୍ଭବ । ତେଣୁ ଏତେ ପ୍ରଶଂସା କାହିଁକି ବୋଲି ପ୍ରଶ୍ନ ଉଠିଛି । ଏହା କେବଳ ଖୋସାମତିଆ ବ୍ୟତୀତ ଆଉ କିଛି ନୁହଁ ବୋଲି ବି କିଛି ବି କହିଲେଣି । ତେବେ କମ୍ୟୁନିଟି ପୋଲିସର ସ୍ଥିତି କଣ ତାକୁ ନେଇ ବି ଅନେକ ପ୍ରଶ୍ନ ? ଯାହା ଆଗାମୀ ଦିନରେ ଅନେକ ବିବାଦୀୟ ଚର୍ଚ୍ଚା ସାଉଁଟିବାକୁ ଯାଉଛି । ଆମ ପୋଲିସ ବୈଠକ ଆଉ ଦେଖିବାକୁ ମିଳୁନି । ଯଦି ବି ହେଉଛି ସବୁ ଶ୍ରେଣୀର ଲୋକ ନୁହେଁ ବରଂ ଥାନାକୁ ଯା ଆସ ଥିବା ଲୋକଙ୍କୁ ନେଇ ଏହା ଚାଲିଛି । ସେମାନଙ୍କ ପାଇଁ ସମାଜ ଯଦି ସୁଧୁରୁ ଥାନ୍ତା ତେବେ ଗାଁ ଗାଁରେ ବେଆଇନ ମଦ , ଗଞ୍ଜେଇ ବିକ୍ରି ହୁଅନ୍ତା ନାହିଁ । ବିଟ ଅଫିସରଙ୍କ କଥା ଶୁଣିବାକୁ ମିଳୁନି । ଏପରିକି ସୂଚନା ଆଇନରେ ସ୍ବତ ପ୍ରବୃତ ଭାବେ ଯେତେ ସୂଚନା ଦେବା କଥା ତାକୁ ବି ପୋଲିସ ଦେବାକୁ ଚାହୁଁନି । ପୂର୍ବ ଏସପିଙ୍କ ଆଦେଶକୁ ମାନିଲେନି କେହି । ନୂଆ ଏସପି ବି ସେ ଦିଗରେ ପଦକ୍ଷେପ ନେଉ ନାହାନ୍ତି । ଲୋକ ଯଦି ସବୁ ନ ଜାଣିବେ ସଚେତନତା ଆସିବା କେମିତି । ତେଣୁ ଚର୍ଚ୍ଚା ହେଉଛି ଭଦ୍ରକରେ ସେଇଟା ଫେଲ ।

## ଝାଡୁ ଭାଙ୍ଗି ପାରିବ...

ଝାଡୁ ଦ୍ୱାରା ପୋଲିସର ନିଦ ଭଂଗାଯାଇପାରିବ ବୋଲି ଲୋକଙ୍କ ଭିତରେ ଏକ ବିଶ୍ୱାସ ଧୀରେ ଧୀରେ ଜିଲ୍ଲାରେ ଜନ୍ମିଥିବା ଚର୍ଚ୍ଚା ହେଉଛି । ପୋଲିସର 'ଜିରୋ ଟଲରାନ୍ସ' କେବଳ ଭାଷଣରେ ସୀମିତ । ଜଳେଶ୍ୱରପୁର ପଞ୍ଚାୟତର ମହିଳାମାନେ ଅଭିଯୋଗ କରିଛନ୍ତି ଯେ, ବାରମ୍ବାର ପୋଲିସ ଓ ଅବକାରୀ ବିଭାଗକୁ ଜଣାଇବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏହା ସ୍ପଷ୍ଟ କରୁଛି ଯେ ସ୍ଥାନୀୟ ପୋଲିସର ଛତ୍ରଛାୟା ତଳେ ନିଶା ମାଫିଆମାନେ ସକ୍ରିୟ ଅଛନ୍ତି ।
ମହିଳାମାନେ ବାଧ ହୋଇ ଚାନ୍ଦବାଲି-ଧାମରା ମୁଖ୍ୟ ରାସ୍ତାର ବୋଇଦ ପୋଖରୀ ଛକ ନିକଟରେ ଦୀର୍ଘ ୩ ଘଣ୍ଟା ଧରି ରାସ୍ତାରୋକ କରିଥିଲେ। ଭଦ୍ରକ ଏସପି ଜିଲ୍ଲାକୁ ନିଶାମୁକ୍ତ କରିବା ପାଇଁ ବଡ ବଡ ପ୍ରତିଶ୍ରୁତି ଦେଉଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ଓଲଟା । ଯଦି ଆମେ ବିଗତ ଗୋଟିଏ ବର୍ଷର ତଥ୍ୟ ଉପରେ ନଜର ପକାଇବା, ତେବେ ଭଦ୍ରକ ଜିଲ୍ଲା ଏବେ ନିଶା କାରବାରର ଏକ ପ୍ରମୁଖ କରିଡର ପାଲଟିଛି। କିଛି ବିଶେଷଜ୍ଞ ଓ ସାମାଜିକ କର୍ମୀଙ୍କ ମତରେ ଗତ ଏକ ବର୍ଷ ମଧ୍ୟରେ ଭଦ୍ରକରେ ବ୍ରାଉନସୁଗାର (ଧଳାଜହର) କାରବାର ସେମିତି କିଛି ଆଖିଦୃଶିଆ କମି ନାହିଁ । ଜଳେଶ୍ୱର ଓ ବାଲେଶ୍ୱର ପଟୁ ଆସୁଥିବା ନିଶା ଭଦ୍ରକ ଦେଇ ବିଭିନ୍ନ ଗ୍ରାମାଞ୍ଚଳକୁ ବ୍ୟାପୁଛି, କିନ୍ତୁ ପୋଲିସ ମୁଖ୍ୟ ବେପାରୀଙ୍କୁ ଧରିବାରେ ବିଫଳ ହୋଇଛି। ଗାଁ ଗହଳିରେ 'ଚିକେନ କାଉଣ୍ଟର' ଏବଂ ପାନ ଦୋକାନ ଆଢୁଆଳରେ ମଦ ବିକ୍ରି ହେଉଥିବା ବେଳେ, ଗତ ୧ ବର୍ଷରେ ଏହି ବେଆଇନ କାଉଣ୍ଟର ସଂଖ୍ୟା ଦ୍ୱିଗୁଣିତ ହୋଇଛି। କେବଳ ଲୋକଦେଖାଣିଆ ଚଢାଉ କରି ପୋଲିସ ବାହାବା ନେଉଛି। ଗତ ବର୍ଷକ ମଧ୍ୟରେ ଭଦ୍ରକ ଜିଲ୍ଲାରେ ନିଶାଜନିତ ଅପରାଧ, ଚୋରି ଓ ଛିନତାଇ ମାମଲା ବୃଦ୍ଧି ପାଇଛି, ଯାହାର ମୁଖ୍ୟ କାରଣ ହେଉଛି ଅବାଧ ନିଶା ସେବନ।

ଚାନ୍ଦବାଲି ଘଟଣା ପ୍ରମାଣିତ କରୁଛି ଯେ, ଯେତେବେଳେ ଆଇନ ରକ୍ଷକ ଭକ୍ଷକ ସାଜନ୍ତି କିମ୍ବା କୁମ୍ଭକର୍ଣ୍ଣ ନିଦରେ ଶୁଅନ୍ତି, ସେତେବେଳେ ମାତୃଶକ୍ତିଙ୍କୁ ଆଇନ ହାତକୁ ନେବାକୁ ପଡିଥାଏ । ବାଂଶଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଛି ସତ, କିନ୍ତୁ ଭଦ୍ରକ ଏସପି ଏଥିପ୍ରତି ଦୃଷ୍ଟି ଦେଇ ଅପାରଗ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ କି? ତାହା ଏବେ ବଡ ପ୍ରଶ୍ନ।

## ପ୍ରୋଟୋକଲକୁ ଦଳିଦେଲେ....

ତେବେ ସଚେତନ ନାଗରିକଙ୍କ ମତରେ, ଭିଡିଓରେ ଦେଖାଯାଇଥିବା ଦୃଶ୍ୟ ବାସ୍ତବତାଠାରୁ ବହୁ ଦୂରରେ। ସହରର ଭିତ୍ତିଭୂମି ଓ ଟ୍ରାଫିକ ସମସ୍ୟାକୁ ଦେଖିଲେ, ଏହି ଭିଡିଓଟି କେବଳ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏକ 'ମିଛ ଗ୍ରାଫିକ୍ସ' ଭଳି ମନେ ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହି କାର୍ଯ୍ୟକ୍ରମରେ ସବୁଠାରୁ ବଡ଼ ବିବାଦ ପୌରାଧକ୍ଷାଙ୍କ ଅନୁପସ୍ଥିତିକୁ ନେଇ ସୃଷ୍ଟି ହୋଇଛି। ଭଦ୍ରକ ପୌରପାଳିକା ଅଧୀନରେ ଥିବା ରାସ୍ତାର ଶିଳାନ୍ୟାସ ହେଉଥିବା ବେଳେ ଖୋଦ୍ ପୌରାଧକ୍ଷା ଗୁଲମକୀ ଦଲୱାଜୀ ହବିବଙ୍କୁ ନିମନ୍ତ୍ରଣ କରାଯାଇନଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ, କୌଣସି ସାମ୍ବିଧାନିକ ପଦବୀରେ ନଥିବା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମୁଖ୍ୟ ଉଦଘାଟକ ସାଜିବା ଘଟଣାକୁ ବୁଦ୍ଧିଜୀବୀମାନେ ନାପସନ୍ଦ କରିଛନ୍ତି। ଲୋକେ ପ୍ରଶ୍ନ କରୁଛନ୍ତି, ଏହା କଣ ଏକ ସରକାରୀ କାର୍ଯ୍ୟକ୍ରମ ଥିଲା ନା ବିଜେପିର ଦଳୀୟ ମିଶ୍ରଣ ପର୍ବ? ନିର୍ବାଚିତ ପୌରାଧକ୍ଷାଙ୍କୁ ଅଣଦେଖା କରି ଏବଂ କେବଳ ଦଳୀୟ ନେତାଙ୍କୁ ମଞ୍ଚରେ ବସାଇ ପ୍ରଶାସନ ପ୍ରୋଟୋକଲର ଖୋଲା ଉଲ୍ଲଂଘନ କରିଛି। ବିଗତ ଦିନର ସ୍ୱପ୍ନ ଏବଂ ବର୍ତ୍ତମାନର ଆନିମେସନ୍ ଭିଡିଓ ଭିତରେ ଭଦ୍ରକର ପ୍ରକୃତ ବିକାଶ କେଉଁଠି ହଜିଯିବ ନାହିଁ ତ, ତାହା ସମୟ କହିବ।

## ମୋକିମ୍-ଗୁଲମକ୍କୀ ଭେଟଘାଟ

**ଭୁବନେଶ୍ୱର /ଭଦ୍ରକ:** ଶୀତ ଦିନେ ରାଜ୍ୟ ରାଜନୀତିର ପାରଦ ଧୀରେ ଧୀରେ ଉପରମୁହାଁ ହେଉଛି। ବିଶେଷକରି ଭଦ୍ରକ ରାଜନୀତିରେ ଏବେ ଏକ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି, ଯାହାକି କେବଳ ଜିଲ୍ଲା ନୁହେଁ ବରଂ ସମଗ୍ର ରାଜ୍ୟ ରାଜନୀତିରେ କମ୍ପନ ସୃଷ୍ଟି କରିପାରେ। ଭଦ୍ରକ ପୌରାଧକ୍ଷା ଗୁଲମକ୍କୀ ଦଲୱାଜି ହବିବ ଏବଂ ବରିଷ୍ଠ ନେତା ମହମ୍ମଦ ମୋକିମ୍ଙ୍କ ସାକ୍ଷାତ ଆଲୋଚନାକୁ ନେଇ ଏବେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଗୁଲମକ୍କୀଙ୍କ ରାଜନୈତିକ ଯାତ୍ରା ଓ ବର୍ତ୍ତମାନର ସ୍ଥିତି ଭଦ୍ରକ ପୌରପାଳିକା ନିର୍ବାଚନରେ ଗୁଲମକ୍କୀ ଦଲୱାଜି ହ ବିବ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ବିପୁଳ ବିଜୟ ହାସଲ କରିଥିଲେ। ତାଙ୍କର ଏହି ବିଜୟ ଭଦ୍ରକ ରାଜନୀତିରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଥିଲା। ପରବର୍ତ୍ତୀ ସମୟରେ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେ ବିଜେଡିରେ ସାମିଲ ହୋଇଥିଲେ। କିନ୍ତୁ ବର୍ତ୍ତମାନ ମହମ୍ମଦ ମୋକିମ୍ଙ୍କ ସହ ତାଙ୍କର ଭେଟଘାଟ ଏକ ଭିନ୍ନ ଇଙ୍ଗିତ ଦେଉଛି। ପ୍ରଶ୍ନ ଉଠୁଛି, ଗୁଲମକ୍କୀ କଣ ବିଜେଡିରେ ଅସନ୍ତୁଷ୍ଟ ଅଛନ୍ତି ନା ସେ ଏକ ନୂଆ ରାଜନୈତିକ ବିକଳ୍ପର ସନ୍ଧାନରେ ଅଛନ୍ତି? କଂଗ୍ରେସରୁ ଦୂରେଇ ରହିବା ପରେ ମହମ୍ମଦ ମୋକିମ୍ ନି ଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ପ୍ରୟାସ କ ରୁଛନ୍ତି। ଗତ କିଛି ଦିନ ହେବ ସେ ରାଜ୍ୟର ବିଭିନ୍ନ ପ୍ରାନ୍ତ ଗସ୍ତ କରି ଭିନ୍ନ ଭିନ୍ନ ନେତା ଓ ସଙ୍ଗଠକମାନଙ୍କୁ ଭେଟୁଛନ୍ତି। ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚା ହେଉଛି ଯେ ମୋକିମ୍ ଖୁବଶୀଘ୍ର ଏକ ନୂଆ ଆଞ୍ଚଳିକ ଦଳ କିମ୍ବା ଏକ ସ୍ୱତନ୍ତ୍ର ରାଜନୈତିକ ମଞ୍ଚ ଗଠନ କରିପାରନ୍ତି। ମୋକିମ୍ ସେହି ନେତାମାନଙ୍କୁ ଏକାଠି କରିବାକୁ ଚେଷ୍ଟା କରୁଛନ୍ତି ଯେଉଁମାନେ ନିଜ ନିଜ ଦଳରେ ଅଣଦେଖା ହେଉଛନ୍ତି କିମ୍ବା ରାଜ୍ୟରେ ଏକ ନୂଆ ବିକଳ୍ପର ଆବଶ୍ୟକତା ଅନୁଭବ କରୁଛନ୍ତି। ଗୁଲମକ୍କୀ ଓ ମୋକିମ୍ଙ୍କ ସାକ୍ଷାତ କେବଳ ଏକ ସୌ ଜନ୍ୟମୂଳକ ସାକ୍ଷାତକାର ନୁହେଁ ବୋଲି ରାଜନୀତି ସମୀକ୍ଷକମାନେ ମତ ଦେଉଛନ୍ତି। ଭଦ୍ରକରେ ସଂଖ୍ୟାଲଘୁ ଭୋଟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ଗୁଲମକ୍କୀ ମୋକିମ୍ଙ୍କ ପ୍ରସ୍ତାବିତ ନୂଆ ସଙ୍ଗଠନ ଆଡକୁ ଢଳନ୍ତି, ତେବେ ଏହା ଭଦ୍ରକରେ ବିଜେଡି ଓ ଅନ୍ୟ ଦଳ ପାଇଁ ଚିନ୍ତାର କାରଣ ହୋଇପାରେ। ଗୁଲମକ୍କୀ ଜଣେ ଯୁବ ଚେହେରା। ମୋକିମ୍ ଯଦି ଏକ ନୂଆ ଦଳ ଗଠନ କରନ୍ତି, ତେବେ ଗୁଲମକ୍କୀଙ୍କ ଭଳି ଯୁବ ନେତ୍ରୀ ଦଳର ମୁଖ୍ୟ ଆକର୍ଷଣ ସାଜିପାରନ୍ତି। ଓଡିଶା ରାଜନୀତିରେ ବର୍ତ୍ତମାନ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିବା ଅନେକ ଅନୁଭବ କରୁଛନ୍ତି। ମହମ୍ମଦ ମୋକିମ୍ ଏହି ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ଭଦ୍ରକ ପୌରାଧକ୍ଷାଙ୍କ ସହ ତାଙ୍କର ଏହି ଗୁପ୍ତ ମନ୍ତ୍ରଣା ଆଗାମୀ ଦିନରେ ଓଡିଶା ରାଜନୀତିରେ, ବିଶେଷକରି ଉପକୂଳ ଓଡିଶାରେ ଏକ ନୂଆ ସମୀକରଣ ସୃଷ୍ଟି କରିବାର ସମ୍ଭାବନା ରହିଛି। ଏବେ ଦେଖିବାକୁ ବାକି ରହିଲା, ଏହି ଚର୍ଚ୍ଚା କେବେ ବାସ୍ତବ ରୂପ ନେଉଛି।

# ଅଫିସରିପୋର୍ଟର

# ଜିଲ୍ଲା round up

## JANUARY

| Day | | | | | |
|---|---|---|---|---|---|
| SUN | | 4 | 11 | 18 | 25 |
| MON | | 5 | 12 | 19 | 26 |
| TUE | | 6 | 13 | 20 | 27 |
| WED | | 7 | 14 | 21 | 28 |
| THU | 1 | 8 | 15 | 22 | 29 |
| FRI | 2 | 9 | 16 | 23 | 30 |
| SAT | 3 | 10 | 17 | 24 | 31 |

## FEBRUARY

| Day | | | | |
|---|---|---|---|---|
| SUN | 1 | 8 | 15 | 22 |
| MON | 2 | 9 | 16 | 23 |
| TUE | 3 | 10 | 17 | 24 |
| WED | 4 | 11 | 18 | 25 |
| THU | 5 | 12 | 19 | 26 |
| FRI | 6 | 13 | 20 | 27 |
| SAT | 7 | 14 | 21 | 28 |

## MARCH

| Day | | | | | |
|---|---|---|---|---|---|
| SUN | 1 | 8 | 15 | 22 | 29 |
| MON | 2 | 9 | 16 | 23 | 30 |
| TUE | 3 | 10 | 17 | 24 | 31 |
| WED | 4 | 11 | 18 | 25 | |
| THU | 5 | 12 | 19 | 26 | |
| FRI | 6 | 13 | 20 | 27 | |
| SAT | 7 | 14 | 21 | 28 | |

## APRIL

| Day | | | | | |
|---|---|---|---|---|---|
| SUN | | 5 | 12 | 19 | 26 |
| MON | | 6 | 13 | 20 | 27 |
| TUE | | 7 | 14 | 21 | 28 |
| WED | 1 | 8 | 15 | 22 | 29 |
| THU | 2 | 9 | 16 | 23 | 30 |
| FRI | 3 | 10 | 17 | 24 | |
| SAT | 4 | 11 | 18 | 25 | |

## MAY

| Day | | | | | |
|---|---|---|---|---|---|
| SUN | 31 | 3 | 10 | 17 | 24 |
| MON | | 4 | 11 | 18 | 25 |
| TUE | | 5 | 12 | 19 | 26 |
| WED | | 6 | 13 | 20 | 27 |
| THU | | 7 | 14 | 21 | 28 |
| FRI | 1 | 8 | 15 | 22 | 29 |
| SAT | 2 | 9 | 16 | 23 | 30 |

## JUNE

| Day | | | | | |
|---|---|---|---|---|---|
| SUN | | 7 | 14 | 21 | 28 |
| MON | 1 | 8 | 15 | 22 | 29 |
| TUE | 2 | 9 | 16 | 23 | 30 |
| WED | 3 | 10 | 17 | 24 | |
| THU | 4 | 11 | 18 | 25 | |
| FRI | 5 | 12 | 19 | 26 | |
| SAT | 6 | 13 | 20 | 27 | |

## JULY

| Day | | | | | |
|---|---|---|---|---|---|
| SUN | | 5 | 12 | 19 | 26 |
| MON | | 6 | 13 | 20 | 27 |
| TUE | | 7 | 14 | 21 | 28 |
| WED | 1 | 8 | 15 | 22 | 29 |
| THU | 2 | 9 | 16 | 23 | 30 |
| FRI | 3 | 10 | 17 | 24 | 31 |
| SAT | 4 | 11 | 18 | 25 | |

## AUGUST

| Day | | | | | |
|---|---|---|---|---|---|
| SUN | 30 | 2 | 9 | 16 | 23 |
| MON | 31 | 3 | 10 | 17 | 24 |
| TUE | | 4 | 11 | 18 | 25 |
| WED | | 5 | 12 | 19 | 26 |
| THU | | 6 | 13 | 20 | 27 |
| FRI | | 7 | 14 | 21 | 28 |
| SAT | 1 | 8 | 15 | 22 | 29 |

## SEPTEMBER

| Day | | | | | |
|---|---|---|---|---|---|
| SUN | | 6 | 13 | 20 | 27 |
| MON | | 7 | 14 | 21 | 28 |
| TUE | 1 | 8 | 15 | 22 | 29 |
| WED | 2 | 9 | 16 | 23 | 30 |
| THU | 3 | 10 | 17 | 24 | |
| FRI | 4 | 11 | 18 | 25 | |
| SAT | 5 | 12 | 19 | 26 | |

## OCTOBER

| Day | | | | | |
|---|---|---|---|---|---|
| SUN | | 4 | 11 | 18 | 25 |
| MON | | 5 | 12 | 19 | 26 |
| TUE | | 6 | 13 | 20 | 27 |
| WED | | 7 | 14 | 21 | 28 |
| THU | 1 | 8 | 15 | 22 | 29 |
| FRI | 2 | 9 | 16 | 23 | 30 |
| SAT | 3 | 10 | 17 | 24 | 31 |

## NOVEMBER

| Day | | | | | |
|---|---|---|---|---|---|
| SUN | 1 | 8 | 15 | 22 | 29 |
| MON | 2 | 9 | 16 | 23 | 30 |
| TUE | 3 | 10 | 17 | 24 | |
| WED | 4 | 11 | 18 | 25 | |
| THU | 5 | 12 | 19 | 26 | |
| FRI | 6 | 13 | 20 | 27 | |
| SAT | 7 | 14 | 21 | 28 | |

## DECEMBER

| Day | | | | | |
|---|---|---|---|---|---|
| SUN | | 6 | 13 | 20 | 27 |
| MON | | 7 | 14 | 21 | 28 |
| TUE | 1 | 8 | 15 | 22 | 29 |
| WED | 2 | 9 | 16 | 23 | 30 |
| THU | 3 | 10 | 17 | 24 | 31 |
| FRI | 4 | 11 | 18 | 25 | |
| SAT | 5 | 12 | 19 | 26 | |

## PUBLIC HOLIDAYS

Makar Sankranti-14th January, Subash Chandra Bose Jayanti/Vir Surendra Sai Jayanti/Basanta Panchami-23rd January, Republic Day-26th January, Dola Purnima-3rd March, Holi-4th March, Id-Ul-Fitre-21st March, Shree Ram Nabami-27th March, Utkal Divas-1st April, Good Friday-3rd April, Mahabishuba Sankranti/Dr. B.R Ambedkar Jayanti-14th April, Budha Purnima/ Birthday of Pandit Raghunath Murmu-1st May, Sabitri Amabasya-16th May, Id-ul-Zuha-27th May, Raja Sankranti-15th June, Muharram-26th June, Ratha Yatra-16th July, Independence day-15th August, Birthday of Prophet Mohammad-26th August, Jhulana Purnima-27th August, Janmastami-4th September, Ganesh Puja-14th September, Nuakhai-15th September, Day following Nuakhai-16th September, Gandhi Jayanti-2nd October, Maha Saptami-17th October, Maha Nabami-19th October, Vijaya Dasami-20th October, Rasa Purnima-24th November, X-Mas Day-25th December.

This Periodical is published by Ramesh Kumar Mallik from VTC. : BadabarchiKayan, P.O.: BadabarchiKayan, P.S.: Agarapada, Dist-Bhadrak, PIN-756135, Odisha, E-mail: mallikest@gmail.com, npathashala@gmail.com , Phone: 06784-357135, Mobile: 9937752574 on behalf of Ramesh Kumar Mallik, edited by Ramesh Kumar Mallik and Printed by Prasanta Kumar Pothal at OMM Printers, Plot No-6709, Near Radhakrushna Temple, Mancheswar Industrial Estate, Bhubaneswar, PIN-751010

ସମ୍ପାଦକ : ରମେଶ କୁମାର ମଲ୍ଲିକ
Editor: Ramesh Kumar Mallik